୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍यवेक्षक

Vol.27 . No.28 Bhubaneswar Wednesday March 5 2025 | ୨୭ତମ ବର୍ଷ ସଂଖ୍ୟା–୨୮ ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୫, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ଚାଉଳ ବିଲ୍ କରାଇଦେବାକୁ ନେଉଥିଲେ ଲାଞ୍ଚ: ଦୁଇ ଆକାଉଣ୍ଟାଣ୍ଟଙ୍କୁ ମାଡିବସିଲା ଭିଜିଲାନ୍ସ



ଅନୁଗୁଳ,୪ ।୩(ପି.ଏନ): ଏକ ଚାଉଳ ମିଲର ବିଲ୍ ଦାଖଲ କରିବା ପାଇଁ ୫୦,୦୦୦ ଟଙ୍କା ଲାଞ୍ଚ ଦାବି କରିବା ଏବଂ ଗ୍ରହଣ କରିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଅଧିକାରୀମାନେ ଅନୁଗୁଳର ସିଭିଲ୍ ସପ୍ଲାଏଜ୍ ଅଫିସ୍ (CSO)ର ଦୁଇଜଣ ଜୁନିଅର୍ ଆକାଉଣ୍ଟାଣ୍ଟଙ୍କୁ ଗିରଫ କରିଛନ୍ତି ।ଅଭିଯୁକ୍ତ ରାଜନାରାୟଣ ସାହୁ ଏବଂ ଜିତେନ ପଟ୍ଟନାୟକ, ଫୋର୍ଟିଫାଇଡ୍ ରାଇସ୍ କର୍ଣ୍ଣେଲ୍ (FRK) ସହିତ ଜଡିତ ୬୦ ଲକ୍ଷରୁ ଅଧିକ ମୂଲ୍ୟର ଏକ ବକେୟା ବିଲ୍ ପ୍ରଦାନ କରିବା ପାଇଁ ରାଇସ୍ ମିଲ୍ ମ୍ୟାନେଜରଙ୍କଠାରୁ ଲାଞ୍ଚ ନେଉଥିବା ସମୟରେ ଧରାପଡ଼ିଥିଲେ। ଅଭିଯୋଗକାରୀଙ୍କ ଅନୁଯାୟୀ, ରାଇସ୍ ମିଲ୍ ମ୍ୟାନେଜର, ସେ ବକେୟା ଦେୟ ପ୍ରଦାନ କରିବା ପାଇଁ ଏକ ମାସରୁ ଅଧିକ ସମୟ ଧରି ସାହୁ ଏବଂ ପଟ୍ଟନାୟକଙ୍କୁ ଅନୁରୋଧ କରୁଥିଲେ। କିନ୍ତୁ, ଉଭୟ ଆକାଉଣ୍ଟାଣ୍ଟ ଲାଞ୍ଚ ନ ନେଇ ବିଲ୍ ପ୍ରକ୍ରିୟାକରଣ କରିବାକୁ ମନା କରିଦେଇଥିଲେ। କୌଣସି ବିକଳ୍ପ ନ ପାଇ, ମ୍ୟାନେଜର ହଇରାଣର କାରଣ ଦର୍ଶାଇ ଭିଜିଲାନ୍ସ ବିଭାଗକୁ ଘଟଣା ବିଷୟରେ ରିପୋର୍ଟ କରିଥିଲେ। ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଭିଜିଲାନ୍ସ ଅଧିକାରୀମାନେ ଏକ ଜାଲ ବିଛାଇ ଲାଞ୍ଚ ଗ୍ରହଣ କରିବା ସମୟରେ ଉଭୟ ଆକାଉଣ୍ଟାଣ୍ଟଙ୍କୁ ଗିରଫ କରିଥିଲେ। ସମ୍ପୂର୍ଣ୍ଣ ଟଙ୍କା ଉଦ୍ଧାର ଏବଂ ଜବତ କରାଯାଇଥିଲା। ଅଧିକାରୀମାନେ ସମ୍ଭାବ୍ୟ ଆୟ ବହିର୍ଭୂତ ସମ୍ପତ୍ତିର ତଦନ୍ତ ପାଇଁ ସାହୁ ଏବଂ ପଟ୍ଟନାୟକଙ୍କ ସହ ଜଡିତ ବିଭିନ୍ନ ସ୍ଥାନରେ ଏକକାଳୀନ ତଲାସ ଆରମ୍ଭ କରିଥିଲେ। ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ର ଧାରା୭ ଅନୁଯାୟୀ ଭିଜିଲାନ୍ସ ସେଲ୍ ପିଏସ୍ କେସ୍ ନମ୍ବର ୨, ତାରିଖ ୦୩.୦୩.୨୦୨୫ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ତଦନ୍ତ ଚାଲିଛି।

## ନବୀନଙ୍କୁ ମୋହନଙ୍କ ନିମନ୍ତ୍ରଣ, କହିଲେ ଆସନ୍ତାକାଲି ବିଜୁବାବୁଙ୍କ ଜନ୍ମଦିନ



ଭୁବନେଶ୍ୱର,୪ ।୩(ପି.ଏନ): ଆସନ୍ତକାଲି ଅର୍ଥାତ୍ ମାର୍ଚ୍ଚ ୫ରେ ପାଳନ ହେବ ଓଡିଶାର ବରପୁତ୍ର ବିଜୁବାବୁଙ୍କ ଜନ୍ମଦିନ । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ନିମନ୍ତ୍ରଣ ଜଣାଇଛନ୍ତି । ଏହି ମହାନ ସମାରୋହରେ ବିଶିଷ୍ଟ ଅତିଥି ଭାବେ ଯୋଗ ଦେବାକୁ ମୋହନ ନବୀନଙ୍କୁ ଅନୁରୋଧ କରିଛନ୍ତି । ମୁଖ୍ୟମନ୍ତ୍ରୀ ଚିଠି ଲେଖିଛନ୍ତି ମୋହନ ।ଚିଠିରେ ମୋହନ ଲେଖିଛନ୍ତି, ଆପଣଙ୍କୁ ମୋର ସାଦର ନମସ୍କାର । ଆସନ୍ତା ମାର୍ଚ୍ଚ ୫ ତାରିଖରେ ରାଜ୍ୟ ସରକାର ଓଡିଶାର ମହାନ ବରପୁତ୍ର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମହା ସମାରୋହରେ ପାଳନ କରୁଛନ୍ତି । ଏଥିପାଇଁ ସ୍ଥାନୀୟ ଜୟଦେବ ଭବନଠାରେ ୫ ତାରିଖ ସନ୍ଧ୍ୟା ୭ଟା ସମୟରେ ଏକ ରାଜ୍ୟସ୍ତରୀୟ ସଭାର ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବରେ ଯୋଗ ଦେବା ପାଇଁ ମୁଁ ଆପଣଙ୍କୁ ଅନୁରୋଧ କରୁଛି । ଆପଣଙ୍କର ଗରମାମୟ ଉପସ୍ଥିତି ଏହି କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିବ ।ତେବେ ବର୍ତ୍ତମାନ ସୁଦ୍ଧା ନବୀନଙ୍କ ପ୍ରତିକ୍ରିୟା ଆସିନାହିଁ । ନବୀନ ଆସନ୍ତାକାଲି ବିଜୁବାବୁଙ୍କ ଜୟନ୍ତୀ ଉତ୍ସବରେ ଯୋଗ ଦେବେ କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି ।ସୂଚନାଯୋଗ୍ୟ, ସରକାର ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ପାଳନ ହେଉଥିବା ପଞ୍ଚାୟତିରାଜ ଦିବସ ପାଳନର ତାରିଖ ପରିବର୍ତ୍ତ ନ କରିଛନ୍ତି । ଏହା ମାର୍ଚ୍ଚ ୫ ପରିବର୍ତ୍ତେ ? ଏପ୍ରିଲ ୨୪ରେ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

## ୫ରେ ଖୋଲା ରହିବ ସମସ୍ତ ସ୍କୁଲ, ନିର୍ଦ୍ଦେଶ ଜାରି କଲେ ସରକାର




ଭୁବନେଶ୍ୱର,୪ ।୩(ପି.ଏନ): ଆସନ୍ତାକାଲି ଅର୍ଥାତ୍ ମାର୍ଚ୍ଚ ୫ରେ ଛୁଟି ନ ହୋଇ ସମସ୍ତ ସ୍କୁଲ ଖୋଲା ରହିବ । ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ ଖୋଲା ରହିବ । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି । ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଏନେଇ ବିଭାଗ ପକ୍ଷରୁ ଚିଠି କରାଯାଇଛି ।ପଞ୍ଚାୟତିରାଜ ଦିବସ ପାଳନ ପାଇଁ ପୂର୍ବରୁ ମାର୍ଚ୍ଚ ୫କୁ ଛୁଟି କରାଯାଉଥିଲା । ମାତ୍ର ଗତକାଲି ସରକାର ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ କରାଯିବା ପାଇଁ ନିଷ୍ପତ୍ତି ନେଇଥିବାରୁ ଆସନ୍ତାକାଲି ଏହି ଛୁଟିକୁ ବାତିଲ କରାଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ।ସୂଚନାଯୋଗ୍ୟ, ସୋମବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ ହେବନି । ଏପ୍ରିଲ ୨୪ରେ ହେବ ପାଳନ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପଞ୍ଚାୟତିରାଜ ଦିବସ ପାଳନରେ ଅସଙ୍ଗତି ଦୂର କରିବାକୁ ପ୍ରୟାସ କରାଯାଇଥିବା କୁହାଯାଇଛି । ଅଲଗା ଅଲଗା ପାଳନ ହେବ ନାହିଁ ଜାତୀୟ ଓ ରାଜ୍ୟସ୍ତରୀୟ ଉତ୍ସବ । ଏପ୍ରିଲ ୨୪ରେ ଲୋକସେବା ଦିବସ ମଧ୍ୟ ପାଳନ କରାଯିବ ଏସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ । ପଞ୍ଚାୟତିରାଜ ଦିବସ ଧୁମଧାମରେ ପାଳିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୫ରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ହେବ। କିନ୍ତୁ ଏହି ଦିବସକୁ ସରକାରୀ ଛୁଟି ଭାବେ ପାଳନ କରାଯିବ ନାହିଁ ।

## ବିଜେପିକୁ କଡା ଟାର୍ଗେଟ୍ କଲେ ପ୍ରମିଳା, କହିଲେ ବିଜୁବାକୁ ନାଁକୁ ଡରୁଛି ବିଜେପି

ଭୁବନେଶ୍ୱର,୪ ।୩(ପି.ଏନ): ଆଜି ଅର୍ଥାତ୍ ମଙ୍ଗଳବାର ବିଜେଡି ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ଜନ୍ମଦିନ । ଆଜି ସେ ୬୨ ବର୍ଷରେ ପଦାର୍ପଣ କରିଛନ୍ତି । ଆଜିର ଏହି ଦିନରେ ପ୍ରମିଳା ବିଜେପିକୁ କଡା ଟାର୍ଗେଟ୍ କରିଛନ୍ତି । ସରକାର ପଞ୍ଚାୟତିରାଜ ଦିବସ ତାରିଖ ପରିବର୍ତ୍ତନ କରିଥିବାରୁ ବିଜେପି ଉପରେ ବର୍ଷିଛନ୍ତି ପ୍ରମିଳା । ସେ କହିଛନ୍ତି, ବିଜୁବାବୁଙ୍କ ନାଁକୁ ବିଜେପି ଡରୁଛି । କାରଣ ଲୋକେ ତାଙ୍କୁ ଭଲ ପାଆନ୍ତି ।ପ୍ରମିଳା କହିଛନ୍ତି, ରାଜ୍ୟ ସରକାର ବିଜୁବାବୁଙ୍କ ଜନ୍ମଦିନରେ ପାଳନ କରାଯାଉଥିବା ପଞ୍ଚାୟତିରାଜ ଦିବସ ପାଳନକୁ ପରିବର୍ତ୍ତନ କରିବା ଆଦୌ ଠିକ୍ ନୁହେଁ । ଏହା ବିଜୁବାବୁଙ୍କୁ ଅପମାନ । ଓଡିଶା ଅସ୍ମିତାର ଦ୍ୱାହି ଦେଇ ବିଜେପି ନିର୍ବାଚନ ଜିତିଛି । ଏହା କ'ଣ ଓଡିଆ ଅସ୍ମିତା । ପ୍ରକୃତରେ କହିବାକୁ ଗଲେ ବିଜୁବାବୁଙ୍କ ନାଁକୁ ହିଁ ବିଜେପି ଡରୁଛି । ଯେଉଁଥିପାଇଁ ବିଜୁବାବୁଙ୍କ ଅସ୍ତିତ୍ୱକୁ ଲୁଚାଇବାକୁ ବିଜେପି ଏପରି ହୀନ ଚକ୍ରାନ୍ତ କରିଛି । ସୂଚନାଯୋଗ୍ୟ, ସୋମବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ ହେବନି । ଏପ୍ରିଲ ୨୪ରେ ହେବ ପାଳନ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପଞ୍ଚାୟତିରାଜ ଦିବସ ପାଳନରେ ଅସଙ୍ଗତି ଦୂର କରିବାକୁ ପ୍ରୟାସ କରାଯାଇଥିବା କୁହାଯାଇଛି । ଅଲଗା ଅଲଗା ପାଳନ ହେବ ନାହିଁ ଜାତୀୟ ଓ ରାଜ୍ୟସ୍ତରୀୟ ଉତ୍ସବ । ଏପ୍ରିଲ ୨୪ରେ ଲୋକସେବା ଦିବସ ମଧ୍ୟ ପାଳନ କରାଯିବ



ବିଜୁ ପଟ୍ଟନାୟକ
୫ ମାର୍ଚ୍ଚ ୧୯୧୬ - ୧୭ ଅପ୍ରେଲ ୧୯୯୭

ମହାନ ଜନନାୟକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ

ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ

ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

୫ ମାର୍ଚ୍ଚ ୨୦୨୫

DADLS-103
15001/13/0440/2425

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର







# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି



ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର




ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।


# ଆଜିର ଭାଗ୍ୟ



**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।



**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।



**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।



**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।




**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।



**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।



**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।




**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।



**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।



**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।



**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।



**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ସୂର୍ଯ୍ୟାସ୍ତ ପତ୍ରିକାର ଷୋଡଶ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ଗ୍ରାମାଂଚଳରୁ ପ୍ରକାଶ ପାଉଥିବା ମାସିକ ପତ୍ରିକା ସୂର୍ଯ୍ୟାସ୍ତର ଷୋଡଶ ସ୍ୱନକ୍ଷତ୍ର ଉତ୍ସବ ଗତ ରବିବାର ଜାରକାସ୍ଥିତ ସିଭିକ ସେଂଟର ପରିସରରେ ଅନୁଷ୍ଠିତ ହୋଇଯାଇଛି । କିସ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଡ. ହରେକୃଷ୍ଣ ଶତପଥୀ ଉଦଘାଟକ ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରି କହିଲେ ଯେ ପୂର୍ବରୁ ପ୍ରକାଶିତ କେତେକ ପୁସ୍ତକ ଏବେ ମଧ୍ୟ କାଳଜୟୀ ଓ ସ୍ମରଣୀୟ ହୋଇରହିଛି । ଯାଜପୁର ଲେଖକଙ୍କ କେତେକ ପୁସ୍ତକ ମଧ୍ୟ ସ୍ମରଣୀୟ ହୋଇରହିଛି । ଏବେ ଯେଉଁସବୁ ପୁସ୍ତକ ପ୍ରକାଶ ପାଉଛି ତାହ କେତେକାଳ ସ୍ମରଣୀୟ ହୋଇରହିବ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମୁଖ୍ୟ ବକ୍ତା ଭାବେ କବି ତଥା କଳିଙ୍ଗନଗର ଏଡିଏମ ସନ୍ତୋଷ କୁମାର ମିଶ୍ର ଯୋଗଦେଇ ଯାଜପୁର ଜିଲ୍ଲାର ଐତିହ୍ୟ ଉପରେ ଆଲୋକପାତ କରିଥିଲେ । ଭୁବନେଶ୍ୱର ଇଷ୍ଟ କୋଷ୍ଟ ରେଲୱେ ଜନ ସମ୍ପର୍କ ଅଧିକାରୀ ନିରାକାର ଦାସ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସୂର୍ଯ୍ୟାସ୍ତ ପତ୍ରିକା ଉନ୍ମୋଚିତ ହୋଇଥିଲା । ଡ. ପୁରୁଷୋତମ ବିଶ୍ୱାଳଙ୍କ ପୁସ୍ତକ 'ଶାଶ୍ୱତ ଶାନ୍ତ', ସ୍ୱର୍ଣ୍ଣଲତା ଲେଙ୍କାଙ୍କ କବିତା ପୁସ୍ତକ 'ତୁମ ପାଇଁ', ନିନାଦିନି ମହାନ୍ତିଙ୍କ କବିତା ପୁସ୍ତକ ମାଟି ଆକାଶ ଓ କବିତାର ଲୁହ ଓ ଶଶି ଭୁଷଣ ଦ୍ୱାରିଙ୍କ କବିତା ପୁସ୍ତକ ସାବରୀ ଉନ୍ମୋଚିତ ହୋଇଥିଲା । ସୂର୍ଯ୍ୟସ୍ତ ସମ୍ମାନରେ ମାଧୁରୀ ଶତପଥୀ, ଡ. ଚିତରଂଜନ ମହାନ୍ତି, ନୀନାରାଣୀ ଜେନା, ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ, ସୁଶ୍ରୀ କଳ୍ପତା ଜେନା, ସ୍ୱର୍ଣ୍ଣଲତା ଜେନାଙ୍କୁ ଅତିଥିମାନେ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଡା. ରମେଶ ଚନ୍ଦ୍ର ସାହୁ ସେବା ସମ୍ମାନରେ ଡା. ସୁମନ କଲ୍ୟାଣ ବେହେରା, ସରୋଜୀନୀ ଶିକ୍ଷା ସମ୍ମାନରେ ନିନାଦିନୀ ମହାନ୍ତି, ବିକ୍ରମାଦିତ୍ୟ ଫାଉଣ୍ଡେସନ ସମ୍ମାନରେ ଅନିଲ ବଳଙ୍କୁ ମାନପତ୍ର ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରଦତ ମାନପତ୍ରଗୁଡିକୁ ସୁଶ୍ରୀ ରଶ୍ମିତା ସାହୁ ପାଠ କରିଥିଲେ। ମୁଖ୍ୟବକ୍ତା ଏଡିଏମ ଶ୍ରୀ ମିଶ୍ର ୫ଜଣ ଦିବ୍ୟାଙ୍ଗଙ୍କୁ କମଳ ବଂଟନ କରିଥିଲେ। ସଂପାଦକ ବିବେକାନନ୍ଦ ରାୟଙ୍କ ଦ୍ୱାରା ପ୍ରଫେସର ଡ. ଶତପଥୀଙ୍କୁ ବୀର କିଶୋର ପାଢି ପ୍ରବନ୍ଧ ସମ୍ମାନ, ସନ୍ତୋଷ କୁମାର ମିଶ୍ର ଓ ନିରାକାର ଦାସଙ୍କୁ ସୂର୍ଯ୍ୟାସ୍ତ ସମ୍ମାନ-୨୦୨୦ରେ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ସ୍ତମ୍ଭକାର ନବଘନ ଜେନା ଅଧ୍ୟକ୍ଷତା କରିଥିବା ବେଳେ ଅଭ୍ୟର୍ଥନା କମିଟି ଉପାଧ୍ୟକ୍ଷା ମିନତୀ ସାହୁ ମଂଚ ପରିଚାଳନା କରିଥିଲେ। ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିବା ସ୍ୱାଗତ ଜଣାଇଥିଲେ। ସସ୍ମିତା ଦାଶ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଗଣେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସ୍ତମ୍ଭକାର ନବଘନ ଜେନାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

# ହରେକୃଷ୍ଣ ପାତ୍ରଙ୍କୁ ନ୍ୟାୟ ଦାବିରେ ସିଭିଲ ସୋସାଇଟି ଫୋରମ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



କେନ୍ଦ୍ରାପଡ଼ା (ପିଏନ୍): ସମାଜସେବୀ ହରେକୃଷ୍ଣ ପାତ୍ରଙ୍କୁ ନ୍ୟାୟ ଦେବା ସହିତ ମହାକାଳପଡା ତହସିଲଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ସିଭିଲ ସୋସାଇଟ୍ କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ସ୍ଥାନୀୟ ଗୌରୀଶଙ୍କର ହୋଟେଲ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ମହାକାଳପଡା ତହସିଲ ଅନ୍ତର୍ଗତ ବଉଳକଣୀ ପଞ୍ଚାୟତର ପ୍ରଭାକରପୁର ଗ୍ରାମର ସମାଜସେବୀ ହରେକୃଷ୍ଣ ପାତ୍ରଙ୍କ ଏକ ଜମିଜମା ମାମଲା ଉଚ୍ଚ ନ୍ୟାୟାଳୟରେ ବିଚାରଧୀନ ଥିବା ସତ୍ୱେ ସ୍ଥାନୀୟ ଅଞ୍ଚଳର କେତେକ ଅସାମାଜିକ ବ୍ୟକ୍ତି ମହାକାଳପଡା ତହସିଲଦାରଙ୍କ ପ୍ରରୋଚନାରେ ସଙ୍ଘବଦ୍ଧ ଭାବରେ ଶ୍ରୀ ପାତ୍ରଙ୍କ ପରିବାର ଉପରେ ମରଣାନ୍ତକ ଆକ୍ରମଣ କରିବା ସହିତ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଗଛ କାଟି ନେଇଥିବା ସମ୍ପର୍କରେ ଫୋରମର ଆବାହକ ପ୍ରତାପ ମହାନ୍ତି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଥାନାରେ ଶ୍ରୀ ପାତ୍ର ଅଭିଯୋଗ କରିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସେ କହିଥିଲେ। ସେ ଅଞ୍ଚଳର ନିର୍ଦ୍ଦିଷ୍ଟ ଶାସକ ଦଳର ନେତା ଦୁର୍ନୀତି, ଭ୍ରଷ୍ଟାଚାରରେ ଲିପ୍ତ ରହୁଥିବାରୁ ତାହାର ପ୍ରତିବାଦ କଲେ ସାମାଜିକ କର୍ମୀଙ୍କୁ ଉଦ୍ଦେଶ୍ୟମୂଳକ ଭାବରେ ଆକ୍ରୋଶ ରଖି ହଇରାଣ କରିବା ସହ ସେମାନଙ୍କ ମୁହଁ ବନ୍ଦ କରିବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ କରିଥିଲେ ଶ୍ରୀ ମହାନ୍ତି। ଶ୍ରୀ ପାତ୍ରଙ୍କୁ ନ୍ୟାୟ ପ୍ରଦାନ ସହିତ ମହାକାଳପଡା ତହସିଲଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସିଭିଲ ସୋସାଇଟ୍ କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଶ୍ରୀ ମହାନ୍ତି କହିଥିଲେ। ଏହି ଘଟଣାର ଘୋର ନିନ୍ଦା କରାଯିବା ସହ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଜିଲ୍ଲାବ୍ୟାପୀ ଆନ୍ଦୋଳନ ହେବ ବୋଲି ଫୋରମ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦିପ କୁମାର ମିଶ୍ର, ନିରଞ୍ଜନ ପରିଡା, ଦିପକ ଚୌଧୁରୀ, ସାଗର ଜେନା ଓ କେ. ବାଲାରାଜୁ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା କଂଗ୍ରେସ ଭବନରେ ୧୩୭ତମ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟି ଆନୁକୂଲ୍ୟରେ ୧୩୭ତମ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଂଗ୍ରେସ ଭବନ ପରିସରରେ ଜିଲ୍ଲା କଂଗ୍ରେସ କମିଟିର ବରିଷ୍ଠ ଉପସଭାପତି ପ୍ରଫୁଲ୍ଲ କୁମାର ଦାସ ପତାକା ଉତ୍ତୋଳନ କରିଥିଲେ। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଦାୟକ ଚିନ୍ମୟ ପ୍ରସାଦ ବେହୁରା, ପ୍ରଦେଶ କଂଗ୍ରେସର ପର୍ଯ୍ୟବେକ୍ଷକ ତଥା ଜଗତସିଂହପୁର ପୌରପାଳିକାର ପୂର୍ବତନ ନଗରପାଳ ବିପ୍ଳବ ଚୌଧୁରୀ ପ୍ରମୁଖ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଏକ ସଭା କଜଳାସ୍ଥିତ କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଥିଲା।

ପୂର୍ବତନ ମନ୍ତ୍ରୀ ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ ଜାତୀୟ କଂଗ୍ରେସ ଗଠନ ଓ ସେଥିରେ ଭାଗନେଇ ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ଭାରତବର୍ଷର ଜନଗଣଙ୍କୁ ସ୍ୱାଧୀନତାର ସ୍ୱାଦ ଚାଖିବାର ଆନନ୍ଦ ବିଷୟରେ ଆଲୋକପାତ କରିଥିଲେ। ବିଭିନ୍ନ ଦୃଷ୍ଟାନ୍ତ ଓ ଛୋଟ ଗଳ୍ପ ମାଧମରେ ଉପସ୍ଥିତ କର୍ମୀମାନଙ୍କୁ ଭାରତବର୍ଷର ଶାସନ ଓ କଂଗ୍ରେସର କାର୍ଯ୍ୟ ପ୍ରଣାଳୀ ଉପରେ ବିଷଦ ଭାବରେ ଆଲୋକପାତ କରି ବୁଝାଇଥିଲେ। ପୂର୍ବତନ ବିଧାୟକ ଶ୍ରୀ ବେହୁରା ସ୍ୱାଧୀନତା ସଂଗ୍ରାମ ବେଳର କାର୍ଯ୍ୟଧାରା ଓ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କର ଭାରତବର୍ଷକୁ ସୁଶାସନ ଦେବା ବିଷୟରେ ବକ୍ତବ୍ୟ ରଖିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବିଭ୍ରାଂଶୁ ଶେଖର ଲେଙ୍କା, ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ପର୍ଯ୍ୟବେକ୍ଷକ ଶ୍ରୀ ଚୌଧୁରୀ, ପୂର୍ବତନ ପୌରାଧ୍ୟକ୍ଷ ମହମ୍ମଦ ଆକବର ଅଲ୍ଲୀ, ମୁକ୍ତାର ଖାଁ, ଧରଣୀଧର ସୁଆର, ପରଭେଜ ଅକ୍ତର, ସର୍ବେଶ୍ୱର ସେଠୀ, ସନ୍ଧ୍ୟାରାଣୀ ରାଉତ, ଅମୂଲ୍ୟ ପ୍ରଧାନ, ମଳୟ ଦାସ, ବିଜୟ ପଣ୍ଡା, ଉମେଶ ତ୍ରିପାଠୀ, ଚିତ୍ରସେନ ପରିଡା, କବିନ୍ଦ୍ର ସାମଲ, କୈଳାସ କର, କୁମାର ଚନ୍ଦ୍ର ବଳ, ସଂଗ୍ରାମ ପୃଷ୍ଟି, ହରେକୃଷ୍ଣ ନାୟକ, ଗୋପାଳକୃଷ୍ଣ ଜେନା, ନାରାୟଣ ପରିଡା, ରତିକାନ୍ତ ସାମଲ, ବୁଦ୍ଧୁ ପ୍ରସାଦ ଷଡଙ୍ଗି, ସଂଗ୍ରାମ କେଶରୀ ଜେନା, ଅଜିତ ମହାପାତ୍ର, ହାପି ବେହୁରା, ଅଜିତ ମହାନ୍ତି, ନିରଞ୍ଜନ ରାଉତ, ଜୟଦେବ ପରିଡା, ମୀର ମୁର୍ଶିଦ, କମଳାକାନ୍ତ ବେହେରା, ଜ୍ୟୋତିରଞ୍ଜନ ପରିଡା, ସସ୍ମିତ ଶ୍ରୀଚନ୍ଦନ, ଉମାଶଙ୍କର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଜିଲ୍ଲା ସମ୍ପାଦକ ଆଲୋକ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବୈଷ୍ଣୋ ଦେବୀ ମନ୍ଦିରର ଇତିହାସ ଓ ପୌରାଣିକ କଥା



ମା' ବୈଷ୍ଣୋ ଦେବୀଙ୍କ ବିଶ୍ୱପ୍ରସିଦ୍ଧ ଓ ପ୍ରାଚୀନ ମନ୍ଦିର ଆମ ଦେଶର ଜାମ୍ମୁ ଓ କାଶ୍ମୀର ରାଜ୍ୟର କଟରା ନଗର ନିକଟସ୍ଥ ପାହାଡ଼ ଶ୍ରେଣୀ ଉପରେ ଅବସ୍ଥିତ। ଏହି ପାହାଡ଼ ଗୁଡ଼ିକୁ ତ୍ରିକୁଟା ପାହାଡ଼ କୁହାଯାଏ। ଏହି ସ୍ଥାନରୁ ପ୍ରାୟ ୫ହଜାର ୨ଶହ ଫୁଟ ଉଚ୍ଚରେ ମାତା ରାଣୀଙ୍କ ମନ୍ଦିର ଅବସ୍ଥିତ। ଏହା ଭାରତରେ ତିରୁମଲ୍ଲା ଭେଙ୍କଟେଶ୍ୱର ମନ୍ଦିର ପରେ ଦ୍ୱିତୀୟ ସର୍ବାଧିକ ଦର୍ଶନ କରା ଯାଉଥିବା ଧାର୍ମିକ ତୀର୍ଥ ସ୍ଥଳ।



ତ୍ରିକୁଟା ପାହାଡ଼ ଶ୍ରେଣୀ ଉପରେ ଅବସ୍ଥିତ ଏକ ଗୁମ୍ଫାରେ ମାତା ବୈଷ୍ଣୋ ଦେବୀଙ୍କ ସ୍ୱଂୟ ତିନି ମୂର୍ତି ପୂଜା ପାଉଛନ୍ତି। ଦେବୀ କାଳୀ (ଡ଼ାହାଣ), ଦେବୀ ସରସ୍ୱତୀ(ବାମ) ଓ ଦେବୀ ଲକ୍ଷ୍ମୀ(ମଧ୍ୟ) ପିଣ୍ଡି ଭାବରେ ବିରାଜିତା। ଏହି ତିନି ପିଣ୍ଡି ମାନଙ୍କର ସମ୍ମିଳିତ ରୂପକୁ ବୈଷ୍ଣୋ ଦେବୀ ମାତା କୁହାଯାଏ। ଏହି ସ୍ଥାନକୁ ମାତାଙ୍କ ଭବନ କୁହାଯାଏ। ଏହି ପବିତ୍ର ଗୁମ୍ଫାର ଲମ୍ବ ୯୮ଫୁଟ। ଏହି ଗୁମ୍ଫାରେ ଏକ ବଡ଼ ଉଚ୍ଚ ପିଣ୍ଡା ରହିଛି। ଏହି ପିଣ୍ଡା ଉପରେ ମାତାଙ୍କ ଆସନ ରହିଛି, ଯେଉଁଠି ଦେବୀ ତ୍ରିକୁଟା ନିଜ ମାତାଙ୍କ ସହିତ ବିରାଜମାନ ଅଛନ୍ତି। ମାତାଙ୍କ ଭବନ କହିଲେ, ଯେଉଁଠି ମାତା ଭୈରବ ନାଥଙ୍କର ବଦ୍ଧ କରିଥିଲେ। ପୁରାତନ ଗୁମ୍ଫା ପାଖରେ ଭୈରବଙ୍କର ଶରୀର ରହିଛି ଓ ତାଙ୍କର ମୁଣ୍ଡ ଉଡ଼ି ଉଡ଼ି ତିନି କିଲୋମିଟର ଦୂର ଭୈରୋ ଘାଟୀରେ ପଡ଼ିଥିଲା ଏବଂ ଶରୀର ଏଠାରେ ରହିଗଲା। ଯେଉଁ ସ୍ଥାନରେ ମୁଣ୍ଡ ପଡ଼ିଲା, ଆଜି ସେହି ସ୍ଥାନ "ଭୈରୋନାଥ ମନ୍ଦିର" ନାମରେ ଜଣାଶୁଣା। କଟରା ଠାରୁ ହିଁ ବୈଷ୍ଣୋ ଦେବୀଙ୍କ ପାଦ ବନ୍ଦନା ଆରମ୍ଭ ହୋଇ ଭବନ ପର୍ଯ୍ୟନ୍ତ ପ୍ରାୟ ୧୩ କିଲୋମିଟର ଓ ଭୈରୋ ମନ୍ଦିର ପର୍ଯ୍ୟନ୍ତ ୧୪.୫ କିଲୋମିଟର ପର୍ଯ୍ୟନ୍ତ ଶେଷ ହୋଇଥାଏ।

**ମନ୍ଦିରର ପୌରାଣିକ କାହାଣୀ:** ମନ୍ଦିର ସଂପର୍କରେ ଅନେକ ପ୍ରକାରର କଥା ପ୍ରଚଳିତ ରହିଛି। ଥରେ ତ୍ରିକୁଟ ପାହାଡ଼ ଉପରେ ଏକ ସୁନ୍ଦରୀ କନ୍ୟାକୁ ଦେଖି ଭୈରବନାଥ ତାକୁ ଧରିବା ପାଇଁ ଅଗ୍ରସର ହେଲେ। ହଠାତ୍ ସେହି କନ୍ୟା ବାୟୁ ରୂପରେ ପରିବର୍ତ୍ତିତ ହୋଇ ତ୍ରିକୁଟା ପର୍ବତ ଆଡ଼କୁ ଉଡ଼ି ଚାଲିଲେ। ଭୈରବନାଥ ମଧ୍ୟ ତାଙ୍କ ପଛରେ ଦୌଡ଼ିଲେ। କୁହାଯାଏ ଯେ, ସେତେବେଳେ ମାତାଙ୍କୁ ରକ୍ଷାକରିବା ପାଇଁ ସେଠାରେ ପବନ ପୁତ୍ର ହନୁମାନ ପହଞ୍ଚିଗଲେ। ସେତିକିବେଳେ ହନୁମାନଙ୍କୁ ଶୋଷ ଲାଗିବାରୁ ମାତା ତାଙ୍କ ପାଇଁ ଧନୁରେ ପାହାଡ଼ ଉପରକୁ ବାଣ ଚଳାଇ ଏକ ଜଳାଧାର ସୃଷ୍ଟି କଲେ ଓ ସେହି ଜଳରେ ନିଜର କେଶ ମଧ୍ୟ ଧୋଇଲେ। ତା'ପରେ ସେଠାରେ ଏକ ଗୁମ୍ଫାରେ ପ୍ରବେଶ କରି ମାତା ନଅ ମାସ ପର୍ଯ୍ୟନ୍ତ ତପସ୍ୟା କଲେ। ହନୁମାନ ତାଙ୍କୁ ଜଗି ରହିଲେ।

ପୁଣି ଭୈରୋନାଥ ସେଠାରେ ପହଂଚି ଉତ୍ପାତ ଆରମ୍ଭ କଲେ। ଏହି ସମୟରେ ଜଣେ ସାଧୁ ଭୈରୋନାଥଙ୍କୁ କହିଲେ, "ତୁ ଯାହାକୁ ଏକ କନ୍ୟା ଭାବୁଛୁ, ସେ ଆଦିଶକ୍ତି ଜଗଦମ୍ବା। ଏଣୁ ସେହି ମହାଶକ୍ତିଙ୍କ ପିଛା ଛାଡ଼ିଦେ!" ମାତ୍ର ଭୈରୋନାଥ ସାଧୁଙ୍କ କଥା ମାନିଲେ ନାହିଁ। ତେବେ ମାତା ଗୁମ୍ଫାର ଅନ୍ୟ ଏକ ରାସ୍ତାରେ ବାହାରି ଗଲେ। ଏହି ଗୁମ୍ଫା ଆଜି ମଧ୍ୟ ଅର୍ଦ୍ଧ କୁମାରୀ ବା ଆଦି କୁମାରୀ ନାମରେ ପ୍ରସିଦ୍ଧ। ଅର୍ଦ୍ଧ କୁମାରୀ ପୂର୍ବରୁ ମାତାଙ୍କ ଚରଣ ପାଦୁକା ମଧ୍ୟ ଏଠାରେ ରହିଛି, ମାତା ଦୌଡ଼ି ଦୌଡ଼ି ମୁହଁ ବୁଲେଇ ଭୈରବନାଥକୁ ଦେଖିଥିଲେ। ଶେଷରେ ଗୁମ୍ଫାରୁ ବାହାରି କନ୍ୟା ଦେବୀଙ୍କ ରୂପ ଧାରଣ କଲେ ଓ ଭୈରବନାଥ ଫେରି ଯିବାର ସଙ୍କେତ ପାଇ ପୁଣି ଗୁମ୍ଫାକୁ ଚାଲିଗଲେ। କିନ୍ତୁ ଭୈରବନାଥ କିଛି ସମୟ ପରେ ପୁଣି ଗୁମ୍ଫାରେ ପ୍ରବେଶ କରିବାକୁ ଲାଗିଲା। ଏହା ଦେଖି ମାତାଙ୍କ ଗୁମ୍ଫା ଜଗିଥିବା ହନୁମାନ ଭୈରବନାଥ ସହ ଯୁଦ୍ଧ କରିବାକୁ



ଆହ୍ୱାନ ଦେଲେ ଓ ଉଭୟଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ହେଲା। ଯୁଦ୍ଧର ଶେଷ ନହେବା ଦେଖି ମାତା ବୈଷ୍ଣୋ ଦେବୀ ମହାକାଳୀ ରୂପ ଧାରଣ କରି ଭୈରବନାଥକୁ ବଧ କରିଦେଲେ।

ତେବେ କୁହାଯାଏ ଯେ, ଭୈରବନାଥ ନିଜ ମୃତ୍ୟୁ ପରେ ନିଜ ଭୁଲର ଅନୁଭବ କଲେ ଓ ସେ ମାତାଙ୍କ ଠାରୁ କ୍ଷମା ଭିକ୍ଷା କଲେ। ମାତା ବୈଷ୍ଣୋ ଦେବୀ ଜାଣିଥିଲେ ଯେ, ତାଙ୍କ ଉପରେ ଆକ୍ରମଣ କରିବା ପଛରେ ଭୈରବଙ୍କର ପ୍ରମୁଖ ଅଭିପ୍ରାୟ ଥିଲା ମୋକ୍ଷ ପ୍ରାପ୍ତି। ସେ ଭୈରବଙ୍କୁ କେବଳ ପୁନର୍ଜନ୍ମ ଚକ୍ରରୁ ମୁକ୍ତି ପ୍ରଦାନ ନୁହେଁ, ବରଂ ତାକୁ ବରଦାନ ଦେଇ କହିଲେ, "ମୋର ଦର୍ଶନ ସେପର୍ଯ୍ୟନ୍ତ ସଫଳ ହେବନି, ଯେପର୍ଯ୍ୟନ୍ତ କୌଣସି ଭକ୍ତ ମୋ ପରେ ତୁମର ଦର୍ଶନ କରିବେ ନାହିଁ!"

**ମନ୍ଦିରର କଥା:** ଉପରୋକ୍ତ କଥାକୁ ବୈଷ୍ଣୋ ଦେବୀଙ୍କ ଭକ୍ତ ଶ୍ରୀଧର ସଂପର୍କରେ ଦେଖା ଯାଇପାରେ। ସାତ ଶହରୁ ଅଧିକ ବର୍ଷ ତଳେ କଟରାରୁ କିଛି ଦୂରରେ ଅବସ୍ଥିତ ହଂସାଳୀ ଗାଁରେ ମା'ବୈଷ୍ଣୋ ଦେବୀଙ୍କ ପରମ ଭକ୍ତ ଶ୍ରୀଧର ରହୁଥିଲେ। ସେ ନିଃସନ୍ତାନ ଓ ଦରିଦ୍ର ଥିଲେ। ସେ ପ୍ରାୟ ଭାବୁଥିଲେ, ଦିନେ ସେ ମାତାଙ୍କ ପୂଜା ରଖିବ। କିଛି ଦିନ ପରେ ଶ୍ରୀଧର ଆଖପାଖର ସବୁ ଗାଁ ଲୋକଙ୍କୁ ପ୍ରସାଦ ଗ୍ରହଣ କରିବା ପାଇଁ ନିମନ୍ତ୍ରଣ କଲେ। ପୂଜା ଦିନ ଶ୍ରୀଧର ଘର ଘର ବୁଲିଲେ, ଯେପରି କିଛି ଭୋଜନ ସାମଗ୍ରୀ ମିଳିବ ଓ ସେଥିରେ ଭକ୍ତ ମାନଙ୍କୁ ସେ ପ୍ରସାଦ ଖୁଆଇ ପାରିବେ। ଯେତିକି ଲୋକେ ତାଙ୍କୁ ସାହାଯ୍ୟ ଦେଲେ, ତାହା ଠାରୁ ବହୁ ଅଧିକ ଭକ୍ତ ଥିଲେ।

ସେ ଭାବୁଥିଲେ ଯେ, ଏତେ କମ୍ ସାମଗ୍ରୀରେ ସମସ୍ତଙ୍କ ପାଇଁ ଭୋଜନ କିପରି ହେବ। ପୂଜା ପୂର୍ବ ଦିନ ଏକଥା ଭାବି ଶ୍ରୀଧର ଟିକେ ବି ଶୋଇ ପାରିଲେ ନାହିଁ। ତଥାପି ମାତାଙ୍କ ଉପରେ ତାଙ୍କର ବିଶ୍ୱାସ ଥିଲା। ସେ ତାଙ୍କର ଝୁମ୍ପୁଡ଼ି ବାହାରେ ପୂଜାରେ ବସିଲେ। ମଧ୍ୟାହ୍ନ ପର୍ଯ୍ୟନ୍ତ ଅତିଥି ମାନେ ପହଂଚିଗଲେ। ଆଶ୍ଚର୍ଯ୍ୟର କଥା ଯେ ସେହି ଛୋଟିଆ ଝୁମ୍ପୁଡ଼ିରେ ଅତିଥି ମାନେ ସହଜରେ ବସି ପାରିଲେ।

ଶ୍ରୀଧର ନିଜର ଆଖି ଖୋଲିଲେ ଓ ଭାବିଲେ, 'ଏ ସମସ୍ତଙ୍କୁ ସନ୍ତୁଷ୍ଟ କିପରି କରିବି!...'ଏତିକିବେଳେ ଗୋଟିଏ ଛୋଟ ଝିଅ ଝୁମ୍ପୁଡ଼ି ଭିତରୁ ବାହାରି ଆସିବା ଦେଖାଗଲା। ସେ ଭଗବାନଙ୍କ କୃପାରୁ ହିଁ ଆସିଥିଲା। ସେ ନିଜେ ସମସ୍ତଙ୍କୁ ସ୍ୱାଦିଷ୍ଟ ଭୋଜନ ପରସିଲା। ସବୁକିଛି ସୁରୁଖୁରୁରେ ସଂପନ୍ନ ହେଲା। ଏବେ ଶ୍ରୀଧର ସେହି ଛୋଟ ଝିଅଟି ସଂପର୍କରେ ଜାଣିବାକୁ ଚାହିଁଲେ ମଧ୍ୟ ସେ ଆଉ କେଉଁଠି ଦେଖାଗଲା ନାହିଁ।





ଏହାର ଅନେକ ଦିନ ପରେ ସେହି ଛୋଟ ଝିଅ ସଂପର୍କରେ ଶ୍ରୀଧର ସ୍ୱପ୍ନରେ ଜାଣିଲେ ଯେ, ସେହି ଝିଅଟି ସ୍ୱଂୟ ବୈଷ୍ଣୋ ଦେବୀ ଥିଲେ। ମାତାଙ୍କ ରୂପରେ ଆସିଥିବା କନ୍ୟା ତାଙ୍କୁ ଗୁମ୍ଫା ସଂପର୍କରେ କହିଲେ ଓ ୪ ପୁତ୍ରଙ୍କ ବରଦାନ ସହିତ ଆଶୀର୍ବାଦ ଦେଲେ। ଶ୍ରୀଧର ପୁଣି ଥରେ ଖୁସି ହୋଇଗଲେ ଓ ଗୁମ୍ଫାର ଅନୁସନ୍ଧାନରେ ବାହାରି ପଡ଼ିଲେ। ଏହାର କିଛି ଦିନ ପରେ ତାଙ୍କୁ ସେହି ଗୁମ୍ଫା ମିଳିଗଲା। ସେବେ ଠାରୁ ସେଠାରେ ମାତାଙ୍କ ଦର୍ଶନ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ଯିବାରେ ଲାଗିଲେ।

**ଶରତ କୁମାର ରାଉତ**
*ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮*

# କୋର ପଞ୍ଚାୟତରେ ଫସଲହାନୀର ପୁନଃତଦନ୍ତ ଦାବି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋର ପଞ୍ଚାୟତର ଶତାଧିକ ଚାଷୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ ଯେ ଗତ ଲଘୁଚାପ ବର୍ଷା ଯୋଗୁଁ ତାଙ୍କ ପଞ୍ଚାୟତର ଶତକଡା ୮୦ ଭାଗ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଯାଇଛି । ପାଚିଲା ଧାନ କ୍ଷେତ ପାଣିରେ ବୁଡିରହି ପଚିଷଢି ଯାଇଛି । ଯାହା ଅମଳ କରିବା ସମ୍ଭବ ନୁହେଁ। ସେହି ପଞ୍ଚାୟତର ଲୋକମାନେ କୃଷିଜୀବି ହୋଇଥିବାରୁ କୃଷି ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ଉତ୍ପାଦିତ ଫସଲରୁ ଗୁଜୁରାଣ ମେଣ୍ଟାଇବା ସହିତ ପିଲାଙ୍କ ପାଠପଢା, ଝିଅ ବିବାହ ଏବଂ ସ୍ୱାସ୍ଥ୍ୟ ସେବାରେ ଅର୍ଥ ବିନିଯୋଗ କରିଥାନ୍ତି । ଏହି ପଞ୍ଚାୟତର ୮୦ ଭାଗ ଫସଲ ନଷ୍ଟ ହୋଇଯାଇଥିଲେ ସୁଦ୍ଧା ତଦନ୍ତକାରୀ ଅଧିକାରୀ ଚାଷ କ୍ଷେତକୁ ନଯାଇ ସରଜମିନ ତଦନ୍ତ ନକରି ରାସ୍ତା ଉପରୁ ଫସଲ କିଆରୀକୁ ଦେଖିବା ସହ କ୍ଷୟକ୍ଷତି ସମ୍ପର୍କରେ କେନ୍ଦ୍ରାପଡା ତହସିଲରେ ତ୍ରୁଟିପୂର୍ଣ୍ଣ ରିପୋର୍ଟ ପ୍ରଦାନ କରିଥିବା ଅଭିଯୋଗ ହୋଇଛି । ତେଣୁ ତାଙ୍କ ପଞ୍ଚାୟତର ଫସଲ କ୍ଷୟକ୍ଷତିର ଆକଳନ ପାଇଁ ଦାୟିତ୍ୱପୂର୍ଣ୍ଣ ଅଧିକାରୀଙ୍କୁ ଫସଲ କ୍ଷୟକ୍ଷତିର ପୁନଃତଦନ୍ତ ପାଇଁ ପଠାଇବାକୁ ସେମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ମହେଶ୍ୱର ନାୟକ, ଦୁଷ୍ମନ୍ତ କୁମାର ପରିଡା, ଜୟପ୍ରକାଶ ବରାଳ, ସୁଧାକର ବରାଳ, ପୁରୁଷୋତ୍ତମ ନାୟକ, ମଧୁସୁଦନ ଦାସ, ରଞ୍ଜନ କୁମାର ନାୟକ, ପ୍ରଭାତ କୁମାର ମହାନ୍ତି, ରତ୍ନାକର ସ୍ୱାଇଁ, ଭୀମସେନ ସ୍ୱାଇଁ ପ୍ରମୁଖ ଶତାଧିକ ଚାଷୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ।

# ଧର୍ମଶାଳା ବ୍ଲକରେ ୬୧୦ ପରିବାରକୁ ସ୍ମାର୍ଟ ହେଲଥ କାର୍ଡ ବଂଟନ


ଧର୍ମଶାଳା (ପିଏନ୍): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଶୁଭାରମ୍ଭ ହୋଇଛି ସ୍ମାର୍ଟ କାର୍ଡ ବଂଟନ ପ୍ରକ୍ରିୟା। ଧର୍ମଶାଳା ବ୍ଲକର ୪ଟି ପଂଚାୟତରେ ବ୍ଲକ ଅଧ୍ୟକ୍ଷ ଯୋଗଦେଇ ୬୧୦ ପରିବାରକୁ ସ୍ମାର୍ଟ କାର୍ଡ ବଂଟନ କରିଛନ୍ତି। ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ପୁରୁଣାବଉଳମାଳ, ମହିଶରା, କମାଗଡ ଓ ମଧୁପୁରଗଡ ପଂଚାୟତରେ ହିତାଧିକାରୀଙ୍କୁ ୫୬୧୦ ସ୍ମାର୍ଟ କାର୍ଡ ମଧ୍ୟରୁ ୬୧୦ଜଣଙ୍କୁ ବଂଟନ କରିଥିଲେ। ଏହି ପଂଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଶାଳା ଏବିଡିଓ ଅଶିତ ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟା ସୁରେଖା ନାୟକ ଯୋଗ ଦେଇଥିଲେ। ସଂପୃକ୍ତ ପଂଚାୟତର ସରପଂଚ ସମିତି ସଭ୍ୟ ଓ ଡିଲରମାନେ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାରେ ସହାୟତା କରିଥିଲେ। ପରେ ବ୍ଲକର ଆରୁହା, ହରିଦାସପୁର, କ୍ଷେତ୍ରପାଳ, କଂଟିଗଡିଆ, ନେଉଳପୁର ଓ ସୁନ୍ଦୁରିଆ ପଂଚାୟତରେ ବ୍ଲକ ଅଧ୍ୟକ୍ଷ ଶ୍ରୀ ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ସ୍ମାର୍ଟ କାର୍ଡ ବଂଟନ କରିଛନ୍ତି । ସେହିପରି ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ପଟୁଣିଆ, ଅରେଇକଣା, କଦମପାଳ, କୋତପୁର, ଅରାବଳ, ମଙ୍ଗଳପୁର ପଂଚାୟତରେ ସ୍ମାର୍ଟ କାର୍ଡ ବଂଟନ କରିଥିବା ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି ।

# ଧର୍ମଶାଳା ବାଣୀପୀଠରେ ପ୍ରତିଷ୍ଠା ଦିବସ ଅନୁଷ୍ଠିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଧର୍ମଶାଳା ବାଣୀପୀଠର ୭୪ତମ ପ୍ରତିଷ୍ଠା ଦିବସ ଓ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ବାଣୀପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡା. ବିଜୟ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗାଳ୍ପିକ ଡ. ଜୟନ୍ତ କୁମାର ବିଶ୍ୱାଳ ଯୋଗଦେଇ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହ ଶିକ୍ଷାନୁଷ୍ଠାନ ସହିତ ଶିକ୍ଷାର ମାନକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଂଜନ ମହାନ୍ତି ଯୋଗଦେଇ ବାଣୀପୀଠର ଇତିହାସ ସଂପର୍କରେ ଆଲୋକପାତ କରିବା ସହିତ ଶିକ୍ଷାନୁଷ୍ଠାନରେ ନୂତନ ଓ ପୁରାତନ ଏକ ବୋଲି ଅଭିହିତ କରିଥିଲେ। ଏହି ଅବସରରେ ପୁରାତନ ଶିକ୍ଷକ ନିତ୍ୟାନନ୍ଦ ସାହୁ, ପ୍ରଭାତ କୁମାର ପଟ୍ଟନାୟକ, ମନୋଜ କୁମାର ମହାଁ ଓ ସତ୍ୟପ୍ରିୟା ସ୍ୱାଇଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ପୁରାତନ ଛାତ୍ର ଜିତେନ୍ଦ୍ର କୁମାର କର, ଅବଧୂତ ରାଉତ, ଧ୍ରୁବ ଚରଣ ବିଶ୍ୱାଳ, ଧୋଇଧର ସାହୁ ଓ ଜଗବଂଧୁ ସାମଲଙ୍କୁ ମଧ୍ୟ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀ ଚନ୍ଦ୍ରମଣି ଦାସ, ବଟକୃଷ୍ଣ ମହାରଣା, ଆନନ୍ଦ ରାଉତ, ବଟକୃଷ୍ଣ ମଲିକ, ଗୁରୁଚରଣ ବେହେରାଙ୍କୁ ସମ୍ମାନୀତ କରାଯାଇଥିଲା। ଚଳିତବର୍ଷ ମାଟ୍ରିକ ପରୀକ୍ଷା ସର୍ବାଧିକ ନମ୍ବର ରଖିଥିବା ଛାତ୍ର ସ୍ମୃତିରେଖା ଖଟୁଆଙ୍କୁ ବଟକୃଷ୍ଣ ମେମୋରିଆଲ ଓ ଛାତ୍ର ବିକାଶ କୁମାର ମାହାଳିକଙ୍କୁ ପଣ୍ଡିତ ମଧୁସୂଦନ ମହାପାତ୍ରଙ୍କ ମେମୋରିଆଲ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସଂପାଦକ ଅଧ୍ୟାପକ ବିଜୟ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂସଦର ଉପସଭାପତି ଲକ୍ଷ୍ମୀକା' ଚ୍ୟାଉପଟ୍ଟନାୟକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଭାତ କୁମାର କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ବାସୁଦେବ ଶତପଥୀ ମଙ୍ଗଳାଚରଣ ପାଠ କରିଥିବା ବେଳେ ଅମରେଶ ଦାଶ ଓ ଶୁଭଦାନନ୍ଦ ଦାଶ ସ୍ୱାଗତ ସଂଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଜଳଧର ସାହୁ, ନିଳମଣୀ ନାୟକ, ଆଦିକନ୍ଦ ସ୍ୱାଇଁ, ଅର୍ଜୁନ ପୃଷ୍ଟି, ବିବେକାନନ୍ଦ ନାୟକ, ସୁନାକର ସାହୁ, ଧରଣୀଧର ଦାଶ, ସନ୍ତୋଷ କୁମାର ତରାଇ, ବିକ୍ରମ କେଶରୀ ମହାନ୍ତି, ମହମ୍ମଦ ରିଆଜୁଲ ହକ୍, ମହମ୍ମଦ ଅଜିଜୁଲା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସହ ସଂପାଦକ ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୫, ମାର୍ଚ୍ଚ ୫

# ଡ. ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା

ଆମ ରାଜ୍ୟର ବିଶିଷ୍ଟ ସଂପାଦକ, ଶିକ୍ଷାବିତ୍ ଓ ସାହିତ୍ୟିକଙ୍କ ମଧ୍ୟରେ ଡ. ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା ଅନ୍ୟତମ। ତାଙ୍କ ସଂପାଦକ ଜୀବନ ଶୈଶବରେ ଆରମ୍ଭ ହୋଇଥିଲା। ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ସେ ମଞ୍ଜରୀ ନାମକ ହାତଲେଖା ପତ୍ରିକା ସଂପାଦନ କରୁଥିଲେ। ପରବର୍ତ୍ତୀ କାଳରେ ସେ ଚତୁରଙ୍ଗ, ଦ ରାଭେନ୍‌ସାଭିଆନ୍, ଶାଶ୍ୱତୀ, ସପ୍ତର୍ଷି ଓ ହୀରାଖଣ୍ଡ ଆଦିର ସଂପାଦନା କରିଥିବା ଜଣାଯାଏ। ତାଙ୍କ ସଂପର୍କରେ ଏକ ଉଲ୍ଲେଖନୀୟ କଥା ହେଉଛି, ସେ ବିଧିବଦ୍ଧ ଭାବେ ମହାବିଦ୍ୟାଳୟରେ ନ ପଢ଼ି ଘରୋଇ ଭାବେ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ତାହାପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ସୁବର୍ଣ୍ଣ ପଦକ ପାଇଥିଲେ। ଏଭଳି ଗୌରବ କ୍ୱଚିତ୍ କେହି ହାସଲ କରିଥିବେ। ସେ ନାଗପୁର ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ ମଧ୍ୟ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ। ପାରିବାରିକ ଆର୍ଥିକ ଦୁରବସ୍ଥା ଯୋଗୁଁ ସେ ବିଧିବଦ୍ଧ ମହାବିଦ୍ୟାଳୟ ଶିକ୍ଷାରୁ ବଞ୍ଚିତ ହୋଇଥିବା ଜଣାଯାଏ। ବିଦ୍ୟାଳୟ ଶିକ୍ଷକ ଭାବେ ଡ.ଉଦ୍‌ଗାତାଙ୍କ କର୍ମମୟ ଜୀବନ ଆରମ୍ଭ ହୋଇଥିଲା। ଉଚ୍ଚଶିକ୍ଷା ପରେ ସେ ମହାବିଦ୍ୟାଳୟ ଅଧ୍ୟାପକ ହୋଇଥିଲେ। ସାହିତ୍ୟିକ ଜୀବନରେ ସେ ଏକଧାରରେ କବି, ପ୍ରାବନ୍ଧିକ, ଅନୁବାଦକ ଓ ନାଟ୍ୟକାର। ଅଳଙ୍କାର ପ୍ରସଙ୍ଗ ପାଇଁ ସେ ଓଡ଼ିଆ ସାହିତ୍ୟ ଏକାଡ଼େମୀ ପୁରସ୍କାର ଏବଂ କାବ୍ୟଶିଳ୍ପୀ ଗଙ୍ଗାଧର ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ। ରମାକାନ୍ତ ରଥଙ୍କ ପ୍ରସିଦ୍ଧ କାବ୍ୟ ଶ୍ରୀରାଧାର ସଂସ୍କୃତ ଅନୁବାଦ କରିଥିଲେ। ଏହାଥିଲା, ତାଙ୍କର ଶେଷ କୃତି। ଓଡ଼ିଶା ସାହିତ୍ୟ ଏକାଡ଼େମୀ ପ୍ରକାଶିତ ଓଡ଼ିଆ ଲେଖକ ପରିଚୟ ପୁସ୍ତକ ଅନୁଯାୟୀ ୧୯୨୦ ମାର୍ଚ୍ଚ ଆଜିର ଦିନରେ ବଲାଙ୍ଗୀରର ଟିକରପଡ଼ାରେ ଜନ୍ମ ହୋଇଥିଲେ ଡ.ଉଦ୍‌ଗାତା।


ଡ଼ଃ.ଅରୁନ୍ଧତୀ ଦେବୀ

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋ: ୯୯୩୭୧୭୨୮୧୦*

# ରାଶି ପାଇଁ ଶୁଭ ଫୁଲ

ଘରକୁ ଫୁଲରେ ସଜାଇବାକୁ କିଏ ଅବା ଭଲ ନପାଏ । ରଙ୍ଗବେରଙ୍ଗୀ ଫୁଲରେ ଘର ସଜାଇବା ଦ୍ୱାରା ମନ ବି ଫୁଲ ଭଳି ପ୍ରଫୁଲ୍ଲ ଏବଂ ସତେଜ ରହିଥାଏ । ଏହାଛଡ଼ା ଫୁଲ ଯୋଗୁଁ ଘର ବି ସୁନ୍ଦର ଦେଖାଯାଇଥାଏ । ହେଲେ ଆପଣ ଜାଣନ୍ତି କି ବିଭିନ୍ନ ଫୁଲର ଆପଣଙ୍କ ଭାଗ୍ୟ ଉପରେ ମଧ୍ୟ ପ୍ରଭାବ ରହିଛି । ଏହା ଆମେ କାହୁନାହୁଁ, ଜ୍ୟୋତିର୍ବିଦ୍‌ମାନେ ଏପରି ଦାବି କରିଛନ୍ତି । ପ୍ରକୃତରେ ବିଭିନ୍ନ ରାଶି ପାଇଁ ବିଭିନ୍ନ ରଙ୍ଗ ଏବଂ ସେହି ରଙ୍ଗର ରାଶି ପାଇଁ ବିଭିନ୍ନ ରଙ୍ଗ ଏବଂ ସେହି ରଙ୍ଗର ଫୁଲ ଶୁଭଦାୟକ ହୋଇଥାଏ । ତେଣୁ ନିଜ ରାଶିକୁ ଜାଣି ସେହି ଅନୁସାରେ ଘରେ ଫୁଲ ରଖିବା ଦ୍ୱାରା ଏହାର ଅନେକ ସୁଫଳ ଆପଣଙ୍କୁ ମିଳିପାରିବ । ଏହାଛଡ଼ା ରାଶି ଅନୁସାରେ ଘରର ବିଭିନ୍ନ ସ୍ଥାନରେ ଫୁଲ ରଖିବା ଦ୍ୱାରା ବି ଲାଭ ମିଳିଥାଏ । ତେବେ ଆସନ୍ତୁ ଜାଣିବା କେଉଁ ରାଶି ପାଇଁ କେଉଁ ଫୁଲ ଶଭୁକାରୀ ଏବଂ ତାହାକୁ କେଉଁ ଦିଗରେ ରଖିବା ଉଚିତ ।

ମେଷ : ମେଷ ରାଶିର ଗ୍ରହାଧିପତି ହେଉଛନ୍ତି ମଙ୍ଗଳ ଏବଂ ଲାଲ୍ ରଙ୍ଗ ଏହି ରାଶି ପାଇଁ ଉତ୍ତମ । ତେଣୁ ମେଷ ରାଶିର ଲୋକମାନଙ୍କ ପାଇଁ ଲାଲ୍ ରଙ୍ଗର ଫୁଲରେ ଘର ସଜାଇବା ଭଲ । ଲାଲ୍ ଡାଲିଆ, ଲାଲ୍ ଗୋଲାପ ଫୁଲକୁ ବ୍ୟବହାର କରିପାରିବେ । ସେହିପରି ଏମାନେ ଫୁଲକୁ ଘରର ଉତ୍ତମ ଦିଗ ପଟକୁ ରଖିଲେ ଆର୍ଥିକ ଦୃଷ୍ଟିରୁ ଶୁଭ ଫଳ ମିଳିପାରିବ ।

ବୃଷ : ଶୁକ୍ର ଦ୍ୱାରା ନିୟନ୍ତ୍ରିତ ବୃଷ ରାଶିର ଲୋକଙ୍କ ପାଇଁ ଗୋଲାପୀ ଏବଂ ଗାଢ଼ ଲାଲ୍ ରଙ୍ଗ ଶୁଭଙ୍କାରୀ । କଇଁ, ଗାଢ଼ ଲାଲ୍ ଗୋଲାପ, ଟ୍ୟୁଲିପ୍ ଡେଜି ଫୁଲ ଘରେ ରଖିବା ଏମାନଙ୍କ ପାଇଁ ଭଲ । ଶାରୀରିକ ବ୍ୟସ୍ତତା ଏବଂ ବିରକ୍ତିରୁ ରକ୍ଷା ପାଇବାକୁ ଚାହୁଁଥିଲେ ଏମାନେ ଘରର ଉତ୍ତର-ପୂର୍ବ କୋଣରେ ଏହି ଫୁଲଗୁଡ଼ିକୁ ସଜାଇବା ଉଚିତ ।

ମିଥୁନ : ମିଥୁନ ରାଶିର ଗ୍ରହାଧିପତି ହେଉଛନ୍ତି ବୁଧ । ଏମାନଙ୍କ ପାଇଁ ହଳଦିଆ ରଙ୍ଗ ଅତ୍ୟନ୍ତ ଲାଭଦାୟକ ସାବ୍ୟସ୍ତ ହୋଇଥାଏ । ଏମାନେ ନିଜ ଘରକୁ କଇଁ ଫୁଲରେ ସଜାଇବା ଦ୍ୱାରା ଶୁଭ ଫଳ ମିଳିବ । ତେବେ ଘର ସଜାଇବା ବେଳେ ଏମାନେ ଫୁଲର ପାତ୍ରକୁ ଘରର ଉତ୍ତର ଦିଗ ଛଡ଼ା ଅନ୍ୟ ଯେ କୌଣସି ସ୍ଥାନରେ ରଖିପାରିବେ । ଏହାଦ୍ୱାରା ଏହି ରାଶିର ବ୍ୟକ୍ତିବିଶେଷମାନଙ୍କୁ ମାନସିକ ଶାନ୍ତି ମିଳିପାରିବ ।

କର୍କଟ : କର୍କଟ ରାଶିର ଲୋକଙ୍କ ପାଇଁ ରୂପେଲି ଏବଂ ସବୁଜ ରଙ୍ଗ ଶୁଭ । ଏମାନେ ଘର ଡେଜି, କଇଁ, ଧଳା ଗୋଲାପ ଫୁଲ ରଖିପାରିବେ । ଏମାନେ ଘରର ଉତ୍ତର ତଥା ପୂର୍ବ ଦିଗରେ ଏହି ଫୁଲଗୁଡ଼ିକୁ ସଜାଇବା ଦ୍ୱାରା ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ କ୍ଷେତ୍ରରେ ଉନ୍ନତି ହେବା ନିଜେ ଅନୁଭବ କରିପାରିବେ ।

ସିଂହଳ : ଏହା ରାଶିର ଗ୍ରହାଧିପତି ସୂର୍ଯ୍ୟ । ତେଣୁ ସୁନେଲି ଏହି ରାଶି ପାଇଁ ଶୁଭ ରଙ୍ଗ । ଏହି ରାଶିର ଲୋକମାନେ ଗେଣ୍ଡୁ, ସୂର୍ଯ୍ୟମୁଖୀ ତଥା ଅନ୍ୟାନ୍ୟ ହଳଦିଆ ଏବଂ ସୁନେଲି ରଙ୍ଗର ଫୁଲ ଘରେ ରଖିବା ଭଲ । ଏମାନେ ଫୁଲକୁ ଉତ୍ତର ଏବଂ ପୂର୍ବ ଦିଗରେ ସଜାଇବା ଦ୍ୱାରା ବୃତ୍ତି କ୍ଷେତ୍ରରେ ଶୁଭ ସମ୍ବାଦ ପାଇପାରିବେ ।

କନ୍ୟା : କନ୍ୟା ରାଶି ବିଶିଷ୍ଟ ଲୋକଙ୍କ ପାଇଁ ନୀଳ ରଙ୍ଗ ଶୁଭ । ତେଣୁ ଏମାନେ ଘର ସଜାଇବା ପାଇଁ ନୀଳ ରଙ୍ଗର ଫୁଲ ବ୍ୟବହାର କରିବା ଉଚିତ । ନୀଳ କଇଁ ଭଳି କେତେକ ନୀଳ ରଙ୍ଗର ଫୁଲକୁ ଘରର ପୂର୍ବ ଦିଗରେ ରଖିବା ଦ୍ୱାରା ବ୍ୟବସାୟରେ ସଫଳତା ମିଳିପାରିବ ।


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ତୁଳା : ଗ୍ରହାଧିପତି ଶୁକ୍ରଙ୍କ ନିୟନ୍ତ୍ରଣରେ ଥିବା ତୁଳା ରାଶିର ଲୋକଙ୍କ ପାଇଁ ବାଇଗଣୀ ଏବଂ ଧଳା ରଙ୍ଗ ଶୁଭପ୍ରଦ । ତେଣୁ ଏମାନେ ଧଳା କଇଁ, ଧଳା ଗୋଲାପ, ଡେଜି ତଥା ବାଇଗଣୀ ରଙ୍ଗର ଫୁଲରେ ଘର ସଜାଇବା ଉଚିତ । ତେବେ ଏହି ରାଶିର ଲୋକେ ନିଜ ପାରିବାରିକ ଦୁଶ୍ଚିନ୍ତାରୁ ରକ୍ଷା ପାଇବା ପାଇଁ ଘରର ଉତ୍ତର-ପଶ୍ଚିମ କୋଣରେ ଏହି ଫୁଲଗୁଡ଼ିକୁ ସଜାଇ ପାରିବେ ।

ବିଛା : ବିଛା ରାଶିର ଲୋକମାନଙ୍କ ପାଇଁ ସେବତୀ ଫୁଲ ଉତ୍ତମ । ଯେକୌଣସି ରଙ୍ଗର ସେବତୀ ଫୁଲକୁ ଘରେ ସଜାଇ ପାରିବେ । ତେବେ ଏହି ରାଶିର ଲୋକମାନେ ଘରର ଦକ୍ଷିଣ ଏବଂ ପଶ୍ଚିମ ଦିଗରେ ଏହି ଫୁଲ ରଖିବା ଦ୍ୱାରା ମାନସିକ ଦୁଶ୍ଚିନ୍ତାରୁ ରକ୍ଷା ମିଳିବ ବୋଲି ଜ୍ୟୋତିର୍ବିଦ୍‌ମାନଙ୍କ ମତ ।

ଧନୁ : ଏମାନଙ୍କ ପାଇଁ ଗୋଲାପୀ ଟ୍ୟୁଲିପ୍, ଗୋଲାପୀ ଗୋଲାପ ଫୁଲ ଅତ୍ୟନ୍ତ ଶୁଭକାରୀ । ତେବେ କ୍ୟାରିଅର ଏବଂ ଭାଗ୍ୟରେ ଉନ୍ନତି ପାଇଁ ଏମାନେ ଘରର ପୂର୍ବ ଦିଗରେ ଏହି ଫୁଲ ରଖିବା ଉଚିତ ।

ମକର : ଏହି ରାଶିର ଗ୍ରହାଧିପତି ହେଉଛି ଶନି ଏବଂ ମାଟିଏ ଏବଂ ଲାଲ୍ ଏହି ରାଶି ପାଇଁ ସକାରାତ୍ମକ ପରିଣାମ ଆଣିଦିଏ । ତେଣୁ ଏହି ରାଶିର ଲୋକମାନେ ନିଜ ଘରେ ଲାଲ୍ ରଙ୍ଗର ଫୁଲ ରଖିଲେ ସୁଫଳ ମିଳିବ । ପ୍ରେମ ସମ୍ପର୍କରେ ନିବିଡ଼ତା ପାଇଁ ଏମାନେ ଲାଲ୍ ରଙ୍ଗର ଫୁଲକୁ ଉତ୍ତର ଦିଗରେ ସଜାଇଲେ ଭଲ ।

କୁମ୍ଭ : କୁମ୍ଭ ରାଶିଧାରୀଙ୍କ ପାଇଁ ଅର୍କିଡ୍ ଫୁଲ ଭଲ । ଏମାନେ ଯେ କୌଣସି ରଙ୍ଗର ଅର୍କିଡ୍ ଫୁଲରେ ଘର ସଜାଇ ପାରିବେ । ତେବେ ଘରର ଉତ୍ତର ଦିଗରେ ଅର୍କିଡ ଫୁଲ ରଖିବା ଦ୍ୱାରା ଏମାନଙ୍କ ଧନ ଏବଂ ପ୍ରତିପତ୍ତି ବୃଦ୍ଧି ହୋଇଥାଏ ।

ମୀନ : ମୀନ ରାଶି ପାଇଁ ଶୁଭ ରଙ୍ଗ ହେଉଛି ବାଇଗଣୀ । ଅର୍କିଡ ଫୁଲ ଏମାନଙ୍କ ପାଇଁ ବି ଶୁଭ । ତେବେ ବାଇଗଣୀ ରଙ୍ଗର ଫୁଲ ବି ଏମାନେ ଘରେ ରଖିପାରିବେ । ଘରର ଉତ୍ତର-ପୂର୍ବ କୋଣରେ ଏହି ଫୁଲ ସଜାଇଲେ ଏମାନଙ୍କୁ ବୃତ୍ତିଗତ କ୍ଷେତ୍ରରେ ସଫଳତା ମିଳିପାରିବ ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩*

# ଦେଶରେ ପଞ୍ଚାୟତିରାଜ ର ଭୂମିକା

ଏକ ସ୍ୱାଧୀନ ରାଷ୍ଟ୍ରରେ ମଣିଷ ତା'ର ମୁକ୍ତ ଜୀବନ ଉପଭୋଗ କରିବା ପାଇଁ ସ୍ୱାଧୀନତାର ପଥ ଖୋଜି ବସେ। ମାତ୍ର ଏ ଭଳି ମଧୁର ପଥ ସବୁଠି ମିଳି ନଥାଏ। ଯେଉଁଠାରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ହୋଇଥାଏ ସେହିଠାରେ ଏହା ଉପଲବ୍ଧ ହୋଇଥାଏ। ସେହି ଗଣତନ୍ତ୍ରର ଶାସନ ଗର୍ଭରୁ 'ପଞ୍ଚାୟତ' ଶାସନର ଜନ୍ମ କହିଲେ ମୋଟେ ଅତ୍ୟୁକ୍ତି ହେବ ନାହିଁ। ଭାରତ ଏକ ଗ୍ରାମବହୁଳ ଦେଶ ଭାବରେ ସାରା ବିଶ୍ୱରେ ସୁପ୍ରତିଷ୍ଠିତ। ଏଠାରେ ଅର୍ଦ୍ଧେକରୁ ଉର୍ଦ୍ଧଭାଗ ଗ୍ରାମରେ ହିଁ ବାସ କରିଥାନ୍ତି। ଗ୍ରାମର ଲୋକେ ଠିକ୍ ଭାବେ ଗଣତନ୍ତ୍ରକୁ ବୁଝି ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମକୁ ଜନମଙ୍ଗଳ ଉଦ୍ଦେଶ୍ୟରେ ଆଗେଇ ନେଇପାରିଲେ ଗଣତନ୍ତ୍ର ପ୍ରକୃତ ସଫଳ ହେଲାବୋଲି ସ୍ୱାଧୀନ ହେବା ପୂର୍ବରୁ ମହାତ୍ମାଗାନ୍ଧି ଏହାହିଁ ବୁଝିଥିଲେ। ଗାନ୍ଧୀଙ୍କର ଏହି ପରିକଳ୍ପନାରୁ 'ପଞ୍ଚାୟତରାଜ'ର ସୃଷ୍ଟି ହୋଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ସମସ୍ତେ ଅନୁଭବ କରନ୍ତି ଯେ ଗ୍ରାମର ବିକାଶ ବିନା ଦେଶର ବିକାଶ ଅସମ୍ଭବ। ଇଂରେଜ ଶାସକ ଲର୍ଡ ରିପନ୍ ଭାରତବର୍ଷରେ ଭାଇସରୟ ଥିବା ବେଳେ ଦେଶର ଉନ୍ନତି କଳ୍ପେ 'ସ୍ୱାୟ ଶାସନ' ବ୍ୟବସ୍ଥା ପ୍ରବର୍ତ୍ତନ କରିଥିଲେ। ମାତ୍ର ଏହା ସଫଳ ହୋଇ ପାରିନଥିଲା। ପରବର୍ତ୍ତୀ ସମୟରେ ଗାନ୍ଧିଜୀ ଏହାର ନୂତନ ରୂପରେଖ ପ୍ରଦାନ କରିବା ସହ 'ଗ୍ରାମ ସ୍ୱରାଜ' ପରିକଳ୍ପନା କରିଥିଲେ। ଗ୍ରାମ ଲୋକମାନେ ନିଜର ଆପୋଷ ଆଲୋଚନା ପରେ ଯାହା ନିଷ୍ପତି ନେବେ ସେହି ନିଷ୍ପତ୍ତିରେ ବାହ୍ୟ ହସ୍ତକ୍ଷେପ ରହିବ ନାହିଁ। ପ୍ରତ୍ୟେକ ଗାଁ ସ୍ୱାବଲମ୍ବୀ ହେବେ। ମହାତ୍ମା ଗାନ୍ଧୀଙ୍କର ଏହି ଚିନ୍ତାଧାରାକୁ ସମ୍ବିଧାନ ପ୍ରଣେତା ସମ୍ପୂର୍ଣ୍ଣ ଗ୍ରହଣ କଲେନାହିଁ। ୧୯୫୦ ଜାନୁୟାରୀ ୨୬ ରେ ସମ୍ବିଧାନ କାର୍ଯ୍ୟକାରୀ ହେଲା। ଯେଉଁଥିରେ ବ୍ୟବସ୍ଥା ରହିଲା ପ୍ରତ୍ୟେକ ରାଜ୍ୟ ଗ୍ରାମପଞ୍ଚାୟତ ଗଠନ ନିମନ୍ତେ ପଦକ୍ଷେପ ନେବେ। ଗ୍ରାମପଂଚାୟତ ଗୁଡିକ ସ୍ୱାୟତ୍ତ ଶାସନ ଅନୁଷ୍ଠାନ ରୂପେ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକୀୟ କ୍ଷମତା ଓ କର୍ତ୍ତୃତ୍ୱ ରାଜ୍ୟ ସରକାର ପ୍ରଦାନ କରିବେ। ୧୯୫୬ ମସିହାରେ ସରକାର ବଳବନ୍ତ ରାୟଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରି ପଲ୍ଲୀ ଉନ୍ନୟନ ଯୋଜନା କିଭଳି କାର୍ଯ୍ୟକାରୀ ହୋଇପାରିବ ସେଥିପାଇଁ ଉଦ୍ୟମ ଜାରି ରଖିଥିଲେ। ଏହି କମିଟି ପଲ୍ଲୀର ବିକାଶ ନିମନ୍ତେ 'ତ୍ରିସ୍ତରୀୟ ପଞ୍ଚାୟତିରାଜ' ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଯୋଜନାର କାର୍ଯ୍ୟକାରିତା ସଫଳ ହେଲେ ଗାଁ ଗହଳିର ପ୍ରତ୍ୟେକ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହୋଇପାରିବ।

ସ୍ୱାଧୀନତା ପରେ ଦେଶରେ ପଞ୍ଚାୟତି ଶାସନ ପ୍ରତିଷ୍ଠା ହେବା ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଗଲା। ଭାରତର ସମ୍ବିଧାନର ୪୦ ଧାରାରେ ରାଜ୍ୟରେ ଗ୍ରାମପଞ୍ଚାୟତ ଗଠନ ନିମନ୍ତେ ଏକ ନିର୍ଦ୍ଦେଶାବଳୀ ଉଲ୍ଲେଖ ହୋଇ ରହିଲା।


ଉମାଶଙ୍କର ପ୍ରସାଦ

ପ୍ରଥମେ 'ରାଜସ୍ଥାନ'ରେ ଏହି ବ୍ୟବସ୍ଥା ପ୍ରଚଳିତ ହେଲା। ଆମ ଓଡିଶାରେ ୧୯୬୧ ମସିହା ଜାନୁାରୀ ୨୬ ରେ ଏହା କାର୍ଯ୍ୟକାରୀ ହୋଇଥିଲା। ଏହି ଅବସରରେ ତତ୍କାଳିନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଉଦ୍ ବୋଧନ ଦେଇ କହିଥିଲେ "ଞଷର କ୍ବଭହରମଗ୍ବସଙ୍ଗର କ୍ବଲ ଗ୍ବଷସଗ୍ବ ଭରଙ୍ଗ ରଙ୍ଗକ୍ବରକ୍ବସଙ୍ଗରଭଗ୍ବ ସଗ୍ବ ଭକ୍ବଭକ୍ଷର ବଭୟ ଗ୍ବକ୍ବ ସଗ୍ବ ଗ୍ବଷର ଙ୍ଗକ୍ବଙ୍ଗଳ ସଭଙ୍ଗକ୍ବକ୍ଷଙ୍ଗରୟ. ଚବଭମଷବଚ୍ଚବଗ୍ବସ ଜବହ ଙ୍ଗସକ୍ଷକ୍ଷ କ୍ବର-ଙ୍କକ୍ବଙ୍ଗର ସକ୍ଷକ୍ଷସଗ୍ବରକ୍ବବମଚ୍ଚ, କ୍ବକ୍ବଙ୍ଗ-ରକ୍ବଗ୍ବଚ୍ଚ ବଭୟ ୟସଗ୍ବରବଗ୍ବରଗ୍ବ".ବର୍ତ୍ତମାନ ତାଙ୍କର ଉକ୍ତ ଉକ୍ତିର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି। ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କୁ ସୁଦୃଢ଼ କରିବା ପାଇଁ ସମ୍ବିଧାନର ୭୩ ତମ ସଂଶୋଧନ ଏକ ଐତିହାସିକ ଘଟଣା। ଏହି ସମ୍ବିଧାନ ସଂଶୋଧନ ଦ୍ୱାରା ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କୁ ସାମ୍ବିଧାନିକ ସ୍ୱୀକୃତି ମିଳିଲା। ୧୧ଶ ପରିଶିଷ୍ଟରେ ଉଲ୍ଲିଖିତ ୨୯ ଟି ବିଷୟ ଯଥା:- କୃଷି, ସମବାୟ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ରାସ୍ତା, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଓ ଦାରିଦ୍ର୍ୟ ଦୂରୀକରଣ ଇତ୍ୟାଦି ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କୁ ହସ୍ତାନ୍ତର କରିବାର ବ୍ୟବସ୍ଥା ରହିଲା। ଓଡିଶାରେ ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କୁ ୨୧ଟି ବିଷୟ ହସ୍ତାନ୍ତର କରାଯାଇଛି। ସମଗ୍ର ଭାରତରେ ପ୍ରାୟ ଦୁଇ ଲକ୍ଷ ଗ୍ରାମପଞ୍ଚାୟତ କାର୍ଯ୍ୟ କରୁଛି। ନିର୍ବାଚନ କମିଶନ ବିଭିନ୍ନ ରାଜ୍ୟରେ ପଞ୍ଚାୟତ ନିର୍ବାଚନର ବ୍ୟବସ୍ଥା କରିଛନ୍ତି। ନିର୍ବାଚନରେ ଭାଗ ନେବାପାଇଁ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ଲାଗୁ କରାଯାଇଛି। ନିର୍ବାଚନ କିପରି ଶୃଙ୍ଖଳାର ସହିତ ସମ୍ପାଦିତ ହୋଇପାରିବ ସେଥିପାଇଁ ସମ୍ବିଧାନରେ ନିର୍ଦ୍ଦେଶ ଦିଆଯାଇଛି। ପଂଚାୟତ ଗୁଡିକରେ ଆର୍ଥିକ ବ୍ୟବସ୍ଥାର ପରିକଳ୍ପନା ଅନୁଧ୍ୟାନ କରିବା ନିମନ୍ତେ ଅର୍ଥ କମିଶନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ମନେରଖିବାକୁ ହେବଯେ ପଞ୍ଚାୟତିରାଜର ମୂଳଦୁଆ ହେଉଛି ଗ୍ରାମପଞ୍ଚାୟତ। ଗଣତାନ୍ତ୍ରିକ ଶାସନରେ ଗ୍ରାମପଞ୍ଚାୟତକୁ ବାଦ୍ ଦେଲେ ବିକାଶର ପରିକଳ୍ପନା ଅସମ୍ଭବ। ଗୋଟିଏ ଗ୍ରାମପଞ୍ଚାୟତର ଲୋକ ସଂଖ୍ୟା ନିହାତି କମରେ ୨୦୦୦ ଏବଂ ଅତି ବେଶିରେ ୬୦୦୦ ହେବା ଉଚିତ। ଗ୍ରାମର ବିଭିନ୍ନ ୱାର୍ଡରୁ ନିର୍ବାଚିତ ହୋଇଥିବା ସଦସ୍ୟଙ୍କୁ ନେଇ ଗ୍ରାମପଞ୍ଚାୟତ ଗଠିତ ହୋଇଥାଏ। ଦେଶରେ ପଞ୍ଚାୟତିରାଜ ପ୍ରବର୍ତ୍ତିତ ହେବା ସମୟରେ ନିର୍ବାଚିତ ୱାର୍ଡ ମେମ୍ବରଙ୍କ ଦ୍ୱାରା ସରପଞ୍ଚ ନିର୍ବାଚିତ ହେଉଥିଲେ। ୧୯୬୫ ମସିହା ନିୟମାନୁଯାୟୀ ସ୍ଥାନୀୟ ଭୋଟଦାତାଙ୍କ ଦ୍ୱାରା ସରପଞ୍ଚ ନିର୍ବାଚିତ ହୋଇଥାନ୍ତି। ଗଣତନ୍ତ୍ର ଶାସନରେ ଗ୍ରାମପଞ୍ଚାୟତର ପରିଚାଳନାକୁ ନିର୍ମଳ, ଲୋକାଭିମୁଖୀ କରିପାରିଲେ ପଞ୍ଚାୟତିରାଜର ଟେକ ଅକ୍ଷୁର୍ଣ୍ଣ ରହେ। ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଗ୍ରାମବାସୀମାନଙ୍କ ନିକଟରେ ସିଧାସଳଖ ପହଞ୍ଚିବାର ମାର୍ଗ ହେଲା 'ଗ୍ରାମପଞ୍ଚାୟତ'। ଏହା ଉଭୟ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ଅପୂର୍ବ ସେତୁ ଭଳି କାମ କରିଥାଏ। ମାତ୍ର ଦୁଃଖ ଓ ପରିତାପର ବିଷୟ ଆଜିକାଲି ପଞ୍ଚାୟତ ମାନଙ୍କର ବିଭିନ୍ନ ଯୋଜନା କ୍ଷେତ୍ରରେ ବିପୁଳ ଅର୍ଥର ସମାଗମ ହେଉଥିବାରୁ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିମାନେ ଏଠି ବହୁ ଅର୍ଥ ହେର ଫେର କରିଥାନ୍ତି। ଫଳରେ ଉଭୟ ପଞ୍ଚାୟତ ଓ ବ୍ଲକ ବଦନାମର ଶିକାର ହୋଇଥାନ୍ତି। ବର୍ତ୍ତମାନ ଏହାକୁ ନସୁଧାରିଲେ ପଞ୍ଚାୟତରାଜର ସ୍ୱପ୍ନ କେବେହେଲେ ସାର୍ଥକ ହେବ ନାହିଁ।

*ଖୋର୍ଦ୍ଧା (୭୩୭୦୬ ୭୫୫୭୨)*

# ସମାଜ କଲ୍ୟାଣରେ ଅନୁଷ୍ଠାନ

ସାଧାରଣରେ ତେଲ ଲୁଣ ସଂସାର ଓ ଗୁଜୁରାଣକୁ ଆଗେଇ ନେବାବେଳେ ଆମ ସମସ୍ତଙ୍କୁ ଅନେକ କଷ୍ଟ ଓ ଘାତପ୍ରତିଘାତକୁ ସହିବାକୁ ପଡ଼ିଥାଏ। ସୁଖ ଓ ଦୁଃଖ ହେଉଛି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଆମ ତେଲ ଲୁଣର ଗୁଜୁରାଣ ଭିତରେ ପ୍ରତିଟି ମଣିଷକୁ କିଛି ନା କିଛି ଅନୁଷ୍ଠାନ ସହିତ ଜଡ଼ିତ ହେବାକୁ ପଡ଼ିଥାଏ। ସେମିତିରେ କହିବାକୁଗଲେ ଅନୁଷ୍ଠାନ ମଧ୍ୟ ବିଭିନ୍ନ ପ୍ରକାରର ସବୁ ରହିଥାଏ। ଗୋଟିଏ ହେଉଛି ସରକାରୀ ଅନୁଷ୍ଠାନ ଯେଉଁଥିରେ ଆମେ ଭାରତର ଜଣେ ଜାଗ୍ରତ ନାଗରିକ ଭାବେ ପରୋକ୍ଷ ଭାବେ ଜଡ଼ିତ ହୋଇଥାଉ ଏବଂ ଆମ ଦାୟିତ୍ୱ ନିର୍ବାହ କରିଥାଉ। ସେହିପରି ଆଉ ଏକ ହେଉଛି ବେସରକାରୀ ଅନୁଷ୍ଠାନ। ଯାହାକି ଅନେକ ବ୍ୟକ୍ତି ବିଶେଷ ବ୍ୟକ୍ତିଗତ ଭାବେ ବା ସମଷ୍ଟିଗତ ଭାବେ ଜଗତର କଲ୍ୟାଣ ନିମିତ୍ତ ଗଢ଼ିଥାନ୍ତି ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ସମାଜର କଲ୍ୟାଣ। ତେବେ ଏସବୁ ଭିତରେ କିଛି ଭିନ୍ନ ବ୍ୟତିକ୍ରମର ବ୍ୟକ୍ତିତ୍ୱ ରହିଥାନ୍ତି ଯେଉଁମାନେ ଜୀବନରେ ଅନୁଷ୍ଠାନ ଗଢ଼ି ପାରିନଥାନ୍ତି କିନ୍ତୁ ଅନ୍ୟ ଅନୁଷ୍ଠାନକୁ ଭାଙ୍ଗିବା ପାଇଁ କାର୍ଯ୍ୟ କରି ପରୋକ୍ଷ ଭାବେ ସମାଜର ହିଁ ଅହିତ ସାଧନ କରିଥାନ୍ତି। ତେବେ ଆଉ ଏକ ପ୍ରକାର ଅନୁଷ୍ଠାନ ସବୁ ରହିଛି ଯାହାକି ଛତୁ ଫୁଟିଲା ପରି ଯିଏ ଯେତେବେଳେ ଯେଉଁଠି ଓ ଯେଉଁ ପ୍ରକାରର ଚାହିଁଲା ଏହାକୁ ଗଠନ କଲା। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଆମ ସମାଜରେ ଏପରି ଅନେକ ଅନୁଷ୍ଠାନ ସବୁ ରହିଛି ଯେଉଁଗୁଡ଼ିକ ନିଃସ୍ୱାର୍ଥପର ଭାବରେ ଏବଂ ନିଜକୁ ପ୍ରଚାର ପ୍ରସାର ନକରି ଯଥାର୍ଥ ଭାବେ ଅଭାବୀ, ଅସହାୟ ମାନଙ୍କ ଉନ୍ନତିକଳ୍ପେ କାର୍ଯ୍ୟ କରିଥାନ୍ତି। ତେବେ ଅସତ୍ ଉଦ୍ଦେଶ୍ୟରେ ଗଠନ ହୋଇଥିବା ଅନୁଷ୍ଠାନ ଗୁଡ଼ିକ ଉପରେ ସରକାର ବେଳେ ବେଳେ ତନାଘନା କରିବା ପରେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିଥାଏ। ଆମ ହାତପାହାନ୍ତାରେ ଆମେ ଦେଖିବାକୁ ପାଉ ଆମ ସମାଜରେ ଅନେକ ଅନୁଷ୍ଠାନ ରହିଛି। ଆଧ୍ୟାତ୍ମିକ, ସ୍ୱାସ୍ଥ୍ୟଭିତ୍ତିକ, ସାଂସ୍କୃତିକ, ରାଜନୈତିକ, ମହିଳା ମାନଙ୍କୁ ଶିଶୁ କୈନ୍ଦ୍ରିକ ଏପରି ଅନେକ ଅନେକ ଅନୁଷ୍ଠାନ ବା ସଂସ୍ଥା କାର୍ଯ୍ୟ କରୁଛି। ସମାଜର କଲ୍ୟାଣ ଉନ୍ନତି ପଥରେ ଏମାନଙ୍କ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭଗବାନ ଆମକୁ ସୃଷ୍ଟି କରିଛନ୍ତି ଏ ସମାଜ ପାଇଁ ସର୍ବୋପରି ଅନୁଷ୍ଠାନ ପାଇଁ କିଛି ଉଚିତ ଓ କଲ୍ୟାଣ ଦାୟିତ୍ୱ ନିର୍ବାହ କରିବା ପାଇଁ। ଏହା ଭିତରୁ ଆମେ ଅନେକ ଏହାକୁ ପାଳନ କରୁଛୁ ମଧ୍ୟ। ତେବେ କେତେକ କ୍ଷେତ୍ରରେ ନିଜ ବ୍ୟକ୍ତି ବା ଚରିତ୍ରର ଉଚ୍ଚା ଦେଖାଇବା ପାଇଁ ଆମେ ଅନ୍ୟମାନଙ୍କୁ ନୀଚା କରିଥାଉ। କିନ୍ତୁ ଆମେ ଭୁଲି ଯାଉଛେ ଯେ ଅନ୍ୟକୁ ନୀଚା କରିବା ପୂର୍ବରୁ ଆମେ ନିଜେ ନୀଚା ହେଉନାହୁଁ କି ? ଦୁନିଆରେ ବା ସମାଜରେ ଯେଉଁ ଅନୁଷ୍ଠାନ ରହିଛି ତାହା କେବେ କୌଣସି ବ୍ୟକ୍ତିର ନୁହେଁ ତାହା ସମସ୍ତଙ୍କର। ମଠ, ମନ୍ଦିର, ଦେବାଦେବୀ ପୀଠ, ପ୍ରତିଷ୍ଠା ପଛରେ ରହିଥାଏ ସମାଜର ଆଧ୍ୟାତ୍ମିକ କଲ୍ୟାଣ, କୌଣସି ବ୍ୟକ୍ତିର କଲ୍ୟାଣ ନୁହେଁ। ଆମେ ସମାଜର ସେବା କଲେ, ସମାଜର କଲ୍ୟାଣ ପାଇଁ କାର୍ଯ୍ୟକଲେ ଆମର ଆପଣା ଛାଏଁ କଲ୍ୟାଣ ସାଧିତ ହେବ। ଯେକୌଣସି ଗୋଟିଏ ଅନୁଷ୍ଠାନ ଗଢ଼ି ଉଠିଥାଏ ତା ପଛରେ ରହିଥାଏ ଅନେକଙ୍କ କଷ୍ଟ ଓ ଯନ୍ତ୍ରଣାର କାହାଣୀ ଓ ଘଟଣା। ଅପମାନ ଆସେ, ବାଦାନୁବାଦ ହୁଏ, ଲୁହ କିଛି ଝରିଯାଏ ଆଉ ଲହୁ କିଛି ଭିତରେ ଭିତରେ କଳା କାଠ ପାଲଟିଯାଏ। କାହାକୁ କହି ହୁଏନା କାରଣ କହିବା ମାତ୍ରେ ଅନୁଷ୍ଠାନର ଆଗଉ ଥିବା ବାଟଟି ବନ୍ଦ ହୋଇଯିବାର ଭୟ ରହିଥାଏ। ଅନୁଷ୍ଠାନ ଗଢ଼ି କିଛି ଲୋକ ଅଛନ୍ତି ଅନ୍ୟମାନଙ୍କ ପଇସା ଆତ୍ମସାତ୍ କରନ୍ତି କିନ୍ତୁ ଅନେକ ବ୍ୟକ୍ତିବିଶେଷ ରହିଛନ୍ତି ଯେଉଁମାନେ ଅନୁଷ୍ଠାନ ପାଇଁ କାର୍ଯ୍ୟ କରନ୍ତି କିନ୍ତୁ ନିଜ ପ୍ରଚାର ପ୍ରସାର ଚାହାଁନ୍ତି ନାହିଁ। କେହି କେହି କୁହନ୍ତି ଅନୁଷ୍ଠାନର ପଇସା ଖାଇଗଲା, ସେ ପଇସା ନିଶ୍ଚିନ୍ତ ଭଗବାନ ପଠାଇଥିବା କୌଣସି ଦାତା ବା ବଦାନ୍ୟ ବ୍ୟକ୍ତିଙ୍କର କିନ୍ତୁ ଅନେକ ସମୟ ଆମେ ସଠିକ କଥାଟି ନ ବୁଝି ଜଣକୁ ଦୋଷାରୋପ କରୁ। କାର୍ଯ୍ୟକ୍ରମ ବାଧାର ଭୟରେ ନୀରବ ରହିବାକୁ ମନେ କରୁ। ଆମ ପାଖରେ କ'ଣ ପଇସା ନାହିଁ, ଘର ପରିବାର ସଂସାରକୁ ନେଇ ମଉଜ ମଜଲିସ କରିବାକୁ। କିଏ ବିଳାସରେ ରହିଲାଣି ତ କିଏ ଯୁଆ ଖେଳିଲାଣି, କିଏ ମଦ ପିଇଲାଣି ତ କିଏ ଝିଅ ଚକ୍କରରେ ଦିୱାନା ପାଲଟିଗଲାଣି କିନ୍ତୁ ସମାଜର ସେବା ପାଇଁ ଆମ ଭିତରୁ କେତେ ଜଣ ବାହାରିବେ ଅନୁଷ୍ଠାନ ପାଇଁ କିଛି କାର୍ଯ୍ୟ କରିବାପାଇଁ। ଆମେ ସମସ୍ତେ ମନେ ରଖିବା ଉଚିତ ଅନୁଷ୍ଠାନ ହେଉଛି ସମାଜର କଲ୍ୟାଣ ତିଆରି କରିବା ପାଇଁ ଏକ ସାମଗ୍ରିକ ଉଦ୍ୟମ। ଏଥିରେ ବ୍ୟକ୍ତି ଚରିତ୍ର ପରିବର୍ତ୍ତନ ହୁଏ। ସପରିବାର ଭଗବାନଙ୍କ ଆଶୀର୍ବାଦ ପାଆନ୍ତି ଏବଂ ସମସ୍ତଙ୍କର ମଙ୍ଗଳ ସାଧିତ ହୁଏ। ଆମ ସମୟରେ ଅନେକ ଘଟଣା ରହିଛି। ଜଣେ ଗୋଟିଏ ସାଧୁ ଉଦ୍ୟମରେ ଅନୁଷ୍ଠାନ ତିଆରି କଲାବେଳକୁ ପଛରୁ ଛୁରୀ ମାରିବାକୁ, ବିନା ଦୋଷରେ କାଦୁଅ ପକାଇବାକୁ ଚରିତ୍ରଙ୍କ ସଂଖ୍ୟା ଖୁବ ବେଶି। କଥା ବଡ଼ ବଡ଼ କାମ ଫୁସ୍। ମାମଲତି କରି ଦି ପଇସା ହାତେଇବାର ନିଶା ଘାରିଥାଏ। କିନ୍ତୁ ସେ ପଇସା ଅନୁଷ୍ଠାନର। କଥାରେ ଅଛି ଶିବ ଧନ ଖାଇଲେ ବଂଶ ବୁଡ଼େ କିନ୍ତୁ ଶିବ କାର୍ଯ୍ୟ ପାଇଁ ସମାଜର କଲ୍ୟାଣ ପାଇଁ ଅନୁଷ୍ଠାନର ଗୋଚରରେ ଦାୟିତ୍ୱ ନିର୍ବାହ ନିମିତ୍ତ ଯେଉଁ ଖର୍ଚ୍ଚ ହୋଇଥାଏ ତାହାକୁ କେହି ଆତ୍ମସାତ୍ କହିବ ନାହିଁ। କିନ୍ତୁ ସମସ୍ତେ ସମାଜର କଲ୍ୟାଣ ନିମିତ୍ତ ଯେ କୌଣସି ଆଧ୍ୟାତ୍ମିକ ବା ସେବା ଅନୁଷ୍ଠାନ ହେଉ କିଛି ସମୟ କାଢ଼ନ୍ତୁ। ଆପଣ କଲେ ଆପଣଙ୍କ ପିଲାମାନେ ଦେଖିବେ ଓ ଶିଖିବେ। ସେମାନେ ଭଗବାନଙ୍କ ସତପଥ ରାସ୍ତାରେ ନିଜକୁ ଆଗେଇ ନେବେ। ତାହାହେଲେ ଅନୁଷ୍ଠାନ କ'ଣ କୌଣସି ବ୍ୟକ୍ତିବିଶେଷଙ୍କର। ଯଦିସ କେହି କେହି କୁହନ୍ତି ବ୍ୟକ୍ତିଙ୍କୁ ନେଇ କି ହିଁ ଅନୁଷ୍ଠାନ। କାରଣ ବିନ୍ଦୁ ବିନ୍ଦୁରୁ ସିନ୍ଧୁ ପରି କିଛି କିଛି ବ୍ୟକ୍ତିଙ୍କୁ ନେଇ କି ହିଁ ଗୋଷ୍ଠୀ ବା ଅନୁଷ୍ଠାନ। ଯାହାର ମାର୍ଗ ହେଉଛି ସମାଜର କଲ୍ୟାଣ। ଆସନ୍ତୁ ନିଜ ମୂଲ୍ୟବାନ ସମୟରୁ କିଛି କାଢ଼ି ସମାଜର କଲ୍ୟାଣ ପାଇଁ ସର୍ବୋପରି ଅନୁଷ୍ଠାନ ପାଇଁ ସେବା କରିବା, ଭଗବାନଙ୍କ ଆଶୀର୍ବାଦ ନିଶ୍ଚିନ୍ତ ଆମ ଉପରେ ଅଜାଡ଼ି ହେବ।


ତ୍ରିନାଥ ଓଝା

*ଚମ୍ପା-ନାରାୟଣ ଚାରିଟେବୁଲ ଟ୍ରଷ୍ଟ, ଧବଳେଶ୍ୱର ଗଡ଼ା, କଟକ, ଦୂରଭାଷ :୯୨୩୮୬୦୨୮୨୫*

# ବିଜୁଙ୍କ ଅବର୍ତ୍ତମାନରେ ୨୭ ବର୍ଷ.....

ଆଜି କଳିଙ୍ଗ ବୀର ରାଷ୍ଟ୍ରନାୟକ କିମ୍ବଦନ୍ତୀ ବ୍ୟକ୍ତିତ୍ୱ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କ ଜୟନ୍ତୀ। ସ୍ୱଦେହରେ ବିଜୁବାବୁ ନାହାନ୍ତି ସତ କିନ୍ତୁ ଓଡ଼ିଶାର ସାମାଜିକ ଓ ରାଜନୈତିକ ଚେତନାରେ ବିଜୁବାବୁ ସଦା ଜୀବନ୍ତ ହୋଇ ରହିଛନ୍ତି। ଓଡ଼ିଶାର ଶାସନ, ପ୍ରଶାସନ ଓ ସାଧାରଣ ଜୀବନକୁ ବିଜୁଙ୍କ ସ୍ମୃତିପୂର୍ଣ୍ଣ ରୂପେ ପ୍ରଭାବିତ କରିଛି। ତାଙ୍କ ପ୍ରତି ଓଡ଼ିଶାବାସୀଙ୍କର ରହିଥିବା ସ୍ନେହ, ଆଦର ଓ ସମ୍ମାନ ଅଧିକ ପରିସ୍ଫୁଟିତ ହୋଇଛି। ୧୯୯୭ ଏପ୍ରିଲ ୧୭ ତାରିଖରେ ବିଜୁବାବୁଙ୍କର ମହାପ୍ରୟାଣ ଘଟିଥିଲା। ଯଦିଓ ଜଣେ ବ୍ୟକ୍ତିଙ୍କୁ ତାଙ୍କ ଅବର୍ତ୍ତମାନରେ ମହାପ୍ରୟାଣର ପୁଣ୍ୟତିଥି ହିଁ କେବଳ ସ୍ମୃତିଚାରଣ କରାଯାଇଥାଏ। କିନ୍ତୁ ବିଜୁବାବୁଙ୍କ କ୍ଷେତ୍ରରେ ତାହା ଭିନ୍ନ। ସେ ଓଡ଼ିଶାବାସୀଙ୍କ ଆତ୍ମାରେ ଓ ହୃଦୟରେ ଜୀବନ୍ତ, ଦୀପ୍ତିମନ୍ତ। ବିଜୁବାବୁଙ୍କ ଦେହାନ୍ତ ପରେ ବିଗତ ୨୭ ବର୍ଷ ମଧ୍ୟରେ ରାଜ୍ୟ ରାଜନୀତିରେ ବଡ଼ ପରିବର୍ତ୍ତନ ଘଟିଛି। ଯାହା ବିଜୁବାବୁ କରିପାରିନଥିଲେ ତାହା ତାଙ୍କ ପୁଅ କରି ଦେଖାଇଛନ୍ତି। ୮୧ ବର୍ଷ ସୁଦୀର୍ଘ ଜୀବନର ସଂଘର୍ଷମୟ ପଥରେ ବିଜୁବାବୁ କ୍ଷମତାରେ ସର୍ବାଧିକ ସମୟ ରହିପାରିନଥିଲେ। କେନ୍ଦ୍ର ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ କ୍ଷମତାରେ ରହିବାର ଲମ୍ବା ରେକର୍ଡ଼ କରିପାରିନଥିଲେ। ବିଧି ଯେମିତି ତାଙ୍କ ପାଇଁ ଭିନ୍ନ ରାସ୍ତା ପ୍ରସ୍ତୁତ କରିଥିଲା। ବିଜୁବାବୁଙ୍କ ଅବର୍ତ୍ତମାନରେ ସେହି ଲମ୍ବା ରେକର୍ଡ଼ ତାଙ୍କ ପୁଅ ପ୍ରତିଷ୍ଠା କରିଛନ୍ତି। ବିଜୁବାବୁଙ୍କ ନାଁରେ ଗଠନ କରାଯାଇଥିବା ରାଜନୈତିକ ଦଳ ବିଜେଡ଼ି ରାଜ୍ୟ ରାଜନୀତିର ମୋଡ଼ ବଦଳାଇ ଦେଇଛି। ରାଜନୈତିକ ଇତିହାସକୁ ବଦଳାଇଛି। ଅତୀତରେ ଆଞ୍ଚଳିକ ଦଳର ଉତ୍‌ଥାନ ଓଡ଼ିଶାରେ ଅନେକ ବାର ବିଫଳ ହୋଇଥିଲେ ମଧ୍ୟ ବିଜେଡ଼ିର ଉତ୍‌ଥାନ ସହ ସଫଳଯାତ୍ରା ଇତିହାସର ସେହି ଫର୍ଦ୍ଦକୁ ପରିବର୍ତ୍ତନ କରିଛି। ରାଜନୀତିରେ ବିଜୁଙ୍କ ଆଦର୍ଶରେ ବିଜେଡ଼ି ନୂଆ ଅଧ୍ୟାୟ ଯୋଡ଼ିବାରେ ସଫଳ ହୋଇପାରିଛି। ବିଜୁବାବୁ ୧୦ଥର ବିଧାନସଭାକୁ ଓ ୫ଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ। କିନ୍ତୁ ବିଜୁବାବୁଙ୍କ ରାଜନୈତିକ ଯାତ୍ରା ଅପରାଜୟ ନଥିଲା। ଅନେକ ବାର ନିର୍ବାଚନ ଜିତିଥିଲେ, ଅନେକବାର ହାରିଥିଲେ। କିନ୍ତୁ ତାଙ୍କ ଅବର୍ତ୍ତମାନରେ ରାଜନୀତିକୁ ଆସିଥିବା ତାଙ୍କ ପୁଅ ନବୀନ ପଟ୍ଟନାୟକ ନିଜକୁ ଅପରାଜୟ ନେତାଭାବେ ପ୍ରତିପାଦିତ କରିପାରିଛନ୍ତି। ସେ ନିର୍ବାଚନ କେବଳ ଜିତିଛନ୍ତି, କୌଣସି ଠାରେ ହାରିନାହାନ୍ତି।


ବିକ୍ରମ ଦାଶ

୧୯୪୬ରୁ ବିଜୁବାବୁଙ୍କ ରାଜନୈତିକ ଜୀବନର ଯାତ୍ରା ଯେମିତି ଆରମ୍ଭ ହୋଇଥିଲା। ସେଣ୍ଟ୍ରାଲ କଟକସଦର ଆସନରୁ କଂଗ୍ରେସ ପ୍ରାର୍ଥୀଭାବେ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୫୨ ପର୍ଯ୍ୟନ୍ତ ଏହାର ସଦସ୍ୟ ଥିଲେ। ପରେ ୧୯୫୨ରେ ଜଗନ୍ନାଥପ୍ରସାଦ ଆସନରୁ, ୧୯୫୭ ରେ ସୋରଡା ଆସନରୁ ଓ ୧୯୬୧ରେ ଚୌଦ୍ୱାର ଆସନରୁ କ୍ରମାଗତ ଭାବେ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। ୧୯୭୧ରେ ଉତ୍କଳ କଂଗ୍ରେସ ପ୍ରାର୍ଥୀ ଭାବେ ଉପନିର୍ବାଚନରେ ରାଜନଗର ଆସନରୁ ବିଜୟୀ ହୋଇଥିବା ବେଳେ ୧୯୭୪ରେ ସେହି ଆସନରୁ ପୁଣି ବିଧାନସଭାକୁ ଆସିଥିଲେ। କଟକରୁ ଗଞ୍ଜାମ ଓ ଗଞ୍ଜାମରୁ ପୁଣି କଟକ ହୋଇ କେନ୍ଦ୍ରାପଡ଼ା, ରାଜନୈତିକ ସଫଳତାର ଯାତ୍ରା ରଖିଥିବା ବିଜୁବାବୁ ୧୯୮୦ରେ ଚରଣ ସିଂଙ୍କ ନେତୃତ୍ୱାଧୀନ ଜନତା ପ୍ରାର୍ଥୀ ଭାବେ କେନ୍ଦ୍ରାପଡ଼ାର ପାଟକୁରା ଆସନରୁ ବିଜୟୀ ହୋଇଥିଲେ। ପରେ ୧୯୮୫, ୧୯୯୦ ଓ ୧୯୯୫ରେ କ୍ରମାଗତ ଭାବେ ତିନିଥର ଜନତା ଦଳର ପ୍ରାର୍ଥୀ ଭାବେ ଭୁବନେଶ୍ୱର ଆସନରୁ ବିଧାନସଭାକୁ ଆସିଥିଲେ। ଏହାରି ଭିତରେ ତାଙ୍କର ସଂସଦ ଅଭିଯାନ ମଧ୍ୟ ଚାଲିଥିଲା। କେନ୍ଦ୍ରରେ ମନ୍ତ୍ରୀ ହେବା ସହିତ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୭୭ରେ ବିଜୁବାବୁ କେନ୍ଦ୍ରାପଡ଼ା ଲୋକସଭା ଆସନରୁ ବିଜୟୀ ହୋଇଥିବା ବେଳେ ୧୯୮୦ ଓ ୧୯୮୪ରେ ସେହି କେନ୍ଦ୍ରାପଡ଼ା ଆସନରୁ ଲୋକସଭାକୁ ବିଜୟୀ ହୋଇଥିଲେ। ୧୯୯୬ରେ ଉଭୟ ଆସିକା ଓ କଟକ ଲୋକସଭା ଆସନରେ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ କଟକ ଆସନଟି ଛାଡ଼ି ଦେଇଥିଲେ। ୧୯୪୬ରୁ ୧୯୯୭ ଯାଏଁ ରାଜନୈତିକ ଯାତ୍ରାରେ ବିଜୁବାବୁଙ୍କୁ ଯେତିକି ସଫଳତା ମିଳିଥିଲା ସେତିକି ବିଫଳତା ମଧ୍ୟ ମିଳିଥିଲା। ୧୯୬୧ ମସିହା ଜୁନ୍ ୨୩ ତାରିଖରୁ ୧୯୬୩ ମସିହା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସେ ପ୍ରଥମ ଦଫାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଦ୍ୱିତୀୟବାର କ୍ଷମତାକୁ ଆସିବା ପାଇଁ ତାଙ୍କୁ ଦୀର୍ଘବର୍ଷ ଲାଗିଯାଇଥିଲା। ୧୯୯୦ରେ ସେ ପୁଣି ମୁଖ୍ୟମନ୍ତ୍ରୀ ପଦ ଫେରି ପାଇଥିଲେ। କେନ୍ଦ୍ରରେ ସେ ମନ୍ତ୍ରୀ ହୋଇଥିଲେ ସତ କିନ୍ତୁ ଯେତେବେଳେ ଭାରତର ବର୍ଷର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ଆସିଲା ସେତେବେଳେ ସେ ସେଥିରୁ ବଞ୍ଚିତ ହୋଇଥିଲେ। ହୋଇପାରେ ବିଧିର ବିଡ଼ମ୍ବନା ଥିଲା। ସେ ପ୍ରଧାନମନ୍ତ୍ରୀ ତିଆରି କରିଥିଲେ। ମାତ୍ର ନିଜେ ପ୍ରଧାନମନ୍ତ୍ରୀ ହୋଇପାରିନଥିଲେ।

ଅବର୍ତ୍ତମାନର ୨୬ ବର୍ଷ ମଧ୍ୟରେ ତାଙ୍କୁ ନେଇ ଓଡ଼ିଶାର ରାଜନୀତି ଯେଉଁଭଳି ଭାବେ କଡ଼ ଲେଉଟାଇଛି ସେଥିରେ ରାଜନୀତିର ଧାର ଧାରୁନଥିବା ଓ ତାଙ୍କ ଜୀବିତ ଅବସ୍ଥାରେ ରାଜନୈତିକ ଉତ୍ତରାଧିକାରୀ ହେବାର କୌଣସି ସୂଚନା ନଥିବା ପୁଅ ନବୀନ ପଟ୍ଟନାୟକ, ଅପ୍ରତିଦ୍ୱନ୍ଦ୍ୱୀ ଅପରାଜୟ ନେତାଭାବେ ଉଭା ହୋଇଛନ୍ତି। ବିଜୁବାବୁ କେନ୍ଦ୍ରମନ୍ତ୍ରୀ ସହ ମାତ୍ର ଦୁଇଥର ମୁଖ୍ୟମନ୍ତ୍ରୀ ହୋଇଥିବା ବେଳେ ନବୀନବାବୁ କେନ୍ଦ୍ରମନ୍ତ୍ରୀ ସହ ଲଗାତର ରେକର୍ଡ଼ର ଅଧିକାରୀ ହୋଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାର ଗୌରବଲାଭ କରିଛନ୍ତି। ବିଜୁଙ୍କ ପ୍ରତି ଓଡ଼ିଶା ବାସୀଙ୍କର ରହିଥିବା ସମସ୍ତ ସ୍ନେହ, ଶ୍ରଦ୍ଧା, ଆଦର ଓ ସମ୍ମାନର ଯେମିତି ଉତ୍ତରାଧିକାରୀ ହୋଇଛନ୍ତି ନବୀନ। ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ରାଜନୀତିର ଏହି ବଡ଼ ପରିବର୍ତ୍ତନରେ ତାଙ୍କ ଅନୁଗତ ଓ ଏକାନ୍ତ ଅନେକ ନେତାଙ୍କୁ ନୂଆ ରାସ୍ତା ଦେଖିବାକୁ ପଡ଼ିଛି। ଅନେକ ନେତା ପରିବର୍ତ୍ତିତ ରାସ୍ତାକୁ ଆପଣାଇ ମଧ୍ୟ ନେଇଛନ୍ତି। ନୂଆପିଢ଼ୀ ପରିବର୍ତ୍ତନର ନୂଆଧାରାରେ ଆଗକୁ ଚାଲିବାରେ ସଫଳ ମଧ୍ୟ ହୋଇଛନ୍ତି। ୨୬ ବର୍ଷ ଧରି ଏହି ପରିବର୍ତ୍ତନ ହିଁ ବିଜୁବାବୁଙ୍କୁ ସାଧାରଣ ଜନମାନସରେ ଅଧିକ ଜୀବନ୍ତ ମୂର୍ତ୍ତିମନ୍ତ କରିଛି। ଆଜି ବିଜୁ ବାବୁଙ୍କ ଜୟନ୍ତୀରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି।

*ରୋଟାରୀ କ୍ଲବ, କଟକ - ବାରବାଟୀ, ସିଡ଼ିଏ, କଟକ, ଦୂରଭାଷ : ୯୮୬୧୫୭୫୨୩୭*

# OFFICE OF THE NOTIFIED AREA COUNCIL, NILGIRI

Ph-06782-233259 e-Mail-ID:nilgirinac.balasore@gmail.com

**Letter No, 2111/** **Date. 21.9.2020**

Sealed quotations are invited from the intending registered firms, authorized Dealers/Distributers/Suppliers having valid GST registration Certificate for supply of following undersigned on or before dt.30/09/2020 by 11.00 am and the same will be opened on the same day at 2.00 pm.The quotationers or their authorized agents should be present in this office in the same time.

The Authority reserves the right to reject any or all quotations without assigning any reason thereof.

## List of the Items

| | |
|---|---|
| 1. Bleaching Powder(ISI Mark, Gr-1), (1 packet containing 25 kg.) | Rate per Pkt. |
| 2. White Phenyl Grade-1 | Rate per Ltr. |
| 3. Black Phenyl Grade-1 | Rate per Ltr. |
| 4. Mosquito Oil | Rate per Ltr. |
| 5. Lime stone powder | Rate per kg. |
| 6. Fogging Machine | Rate per no. |
| 7. King Fog | Rate per Ltr. |

## TERMS & CONDITIONS

1. The Quotationer should have GST Clearance Certificate and submit the Xerox Copy of GST Clearance.
2. Xerox copy of Registration of Farm must be attached with the quotation paper.
3. Cost of paper Rs.500/- will be deposited at cashier of Nilgiri NAC. The Xerox copy of receipt shall be enclosed with the quotation.
4. The rate should be quoted i.e. value of goods with usual Tax separately.
5. The Delivery of materials should be delivered at Municipal office within 7days from the date of issue of supply order at the risk of supplier with your own cost.
6. The rate should be quoted without Tax.
7. EMD of Rs.5,000/-(Rupees five thousand) in shape of B.D in favour of Executive Officer, Nilgiri NAC.
8. All quotation should be strictly on the specification mentioned and supply order to be placed as per availability of funds.
9. The office will be deduct 1% amount of the billing amount towards S.D which will be refunded after completion of Audit.
10. Any legal dispute arise shall be shuttled under the jurisdiction of Balsore District.
11. The quotations received after due date and time shall not be entertained and the undersigned shall not be responsible for any type of delay.
12. For any deviation or violation of the above terms and conditions the quotations shall be rejected.

**Sd/-**
**Executive Officer**
**Nilgiri NAC**

# ମୋ ସହର

## ଆସନ୍ତା ୭ରେ ପୁରୀରେ ହେବ ନିଯୁକ୍ତିମେଳା, ଏହି ଯୋଗ୍ୟତା ଥିବା ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ରହିବାକୁ ପରାମର୍ଶ



ପୁରୀ,(ପି.ଏନ): ରାଜ୍ୟ ଦକ୍ଷତାବିକାଶ ପ୍ରାଧିକରଣ ଏବଂ ପୁରୀ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ନିଯୁକ୍ତି ମେଳା ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବ । ତାଳବଣିଆ ଆଇ.ଟି.ଆଇ ଖେଳପଡିଆଠାରେ ପୂର୍ବାହ୍ଣ ୯ଟାରେ ଏହି ନିଯୁକ୍ତିମେଳା ଆୟୋଜନ କରାଯିବ ବୋଲି ଜିଲ୍ଲା ନିୟୋଜନ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି ।ଏଥିରେ ରାଜ୍ୟ ଏବଂ ରାଜ୍ୟ ବାହାରର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ୫୦ରୁ ଅଧିକ ନିଯୁକ୍ତିଦାତା ସଂସ୍ଥା ଯୋଗଦେଇ ଆଶାୟୀ କୁଶଳୀ ଏବଂ ଅଣକୁଶଳୀ ପ୍ରାର୍ଥୀଙ୍କୁ ଚୟନ କରିବେ ।୧୮ ରୁ ୩୫ ବର୍ଷ ମଧ୍ୟରେ ପଞ୍ଚମ ଶ୍ରେଣୀଠାରୁ ସ୍ନାତକ ଏବଂ ଆଇ.ଟି.ଆଇ. ଓ ଡିପ୍ଲୋମା ପାଠ୍ୟକ୍ରମ ଶେଷ କରିଥିବା ଛାତ୍ରଛାତ୍ରୀ ଏହି ମେଳାରେ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହିବା ପାଇଁ ପରାମର୍ଶ ଦିଆଯାଇଛି ।

## କନ୍ଧମାଳରେ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ଫୁଲବାଣୀ,(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ରବିବାର ଓ ସୋମବାର ଦୁଇଦିନ ଧରି କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ଥର ସ୍ଥାପନ କରିଛନ୍ତି । ସାଂସଦ ଶ୍ରୀ ସାମନ୍ତ ରବିବାର ପୂର୍ବାହ୍ନରେ ଫୁଲବାଣୀରେ ଆୟୋଜିତ ବିରାଟ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ କନ୍ଧମାଳ ଜିଲ୍ଲାରେ ବିକାଶର ରଥ ଆଗେଇ ଚାଲିଛି ବୋଲି କହିଥିଲେ । କନ୍ଧମାଳ ଜିଲ୍ଲାବାସୀଙ୍କ ସହଯୋଗରେ କନ୍ଧମାଳକୁ ଏକ ନମ୍ବର ଜିଲ୍ଲାରେ ପରଣିତ କରିବା ପାଇଁ ସେ ଆହ୍ୱାନ କରିଥିଲେ । ପରେ ଶ୍ରୀ ସାମନ୍ତ ବାଲିଗୁଡ଼ା ବ୍ଲକର ୪ଟି ଦୁର୍ଗମ ପଞ୍ଚାୟତରେ ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ୪ଟି ସେତୁର ଭିତ୍ତିପ୍ରସ୍ଥର ସ୍ଥାପନ କରିଛନ୍ତି । ବାଲିଗୁଡ଼ା ବ୍ଲକର ବାରଖମା ପଞ୍ଚାୟତ ଡ଼େଲାମୁଣ୍ଡାଠାରୁ ଗତିଙ୍ଗିଆ ରାସ୍ତାରେ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଏବଂ ସଲାଗୁଡ଼ା ପଞ୍ଚାୟତ ସକରପଡ଼ି-ବୁକୁକିଆ ରାସ୍ତାରେ ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଡୁରୁକିଆ ପଞ୍ଚାୟତର ମାଦିନାଟ ନାଳ ଉପରେ ୫କୋଟି ୫ଲକ୍ଷ ଟଙ୍କା ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ଗାଡ଼ିଆଯୋଡ଼ି ନାଳ ଉପରେ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହାଇ ଲେବଲ୍ ସେତୁର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାଇକିଆ ବ୍ଲକର ସୁଗଡ଼ାବାଡ଼ି-ଡ଼ିଗି ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବା ସହ ରାଇକିଆ, ଟିଆଙ୍ଗିଆ, କାନବାଗେରୀ, ଟିକାବାଲିଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାଛଡ଼ା ରାଇକିଆଠାରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ରାଇକିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । ପରେ ରାଇକିଆଠାରେ ୩ଟି ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିଜସ୍ୱ ପାଣ୍ଠିରୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ । ସୂଚନାଯୋଗ୍ୟ, ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସାଂସଦ ଶ୍ରୀ ସାମନ୍ତ ନିଜସ୍ୱ ପାଣ୍ଠିରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀକୁ ସିଲେଇ ମେସିନ୍ ବଣ୍ଟନ କରିଆସୁଛନ୍ତି । ଏହିସବୁ କାର୍ଯ୍ୟକ୍ରମରେ ଉପବାଚସ୍ପତି ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, କନ୍ଧମାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ବିଡିଓ ସୀମାଚଳ ମଣ୍ଡଳ ପ୍ରମୁଖ ଯୋଗଦେଇ ଥିଲେ ।

## ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)- ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ - ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ ।

### ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

## ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ୍ୟ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

## ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକ୍ୟଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୁଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂନ୍ଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱାୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା। । ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା ।

## ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୁର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ଜିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ୍ୟ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି ।


MAHARISHI PUBLIC SCHOOL
मा विद्या विमुक्तये



2025-2026
ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
# ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
Bhubaneswar Wednesday March 5 ଭୁବନେଶ୍ୱର ବୁଧବାର, ମାର୍ଚ୍ଚ ୫, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ବୀମା ଙ୍କ କଳାହାଣ୍ଡି ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ

ଭବାନୀପାଟଣା,(ପି.ଏନ): ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ବୀମା, ଓଡିଶା, ଗଣେଶ ରାମ ସିଂ ଖୁଣ୍ଟିଆ ଦୁଇଦିନିଆ କଳାହାଣ୍ଡି ଗସ୍ତରେ ଆସି ଆଜି ଜିଲ୍ଲାପରିଷଦ ସଭାଗୃହରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାରେ ସରକାରଙ୍କର ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ମାନ୍ୟବର ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଏହି ସମୀକ୍ଷା ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟଜଳ, ଜଳସେଚନ, ଗମନାଗମନ, ଗ୍ରାମ୍ୟ ଉନ୍ନୟନ, ପ୍ରଧାନମନ୍ତ୍ରୀ ଆବାସ, ବେସାମରିକ ଯୋଗାଣ, ଖରିଫଧାନ ସଂଗ୍ରହ, ନିର୍ମାଣ ଶ୍ରମିକ, ବାର୍ଦ୍ଧକ୍ୟ ଭତ୍ତା, ଅଙ୍ଗନବାଡି କେନ୍ଦ୍ରର ସ୍ଥିତି ଓ ପରିଚାଳନା, ଜଙ୍ଗଲ, ଉଦ୍ୟାନ କୃଷି ଇତ୍ୟାଦି ବିଭାଗୀୟ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପଚାରି ଥିଲେ । କଳାହାଣ୍ଡି ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ବିକାଶ ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନେ ଜନକଲ୍ୟାଣ



ସରକାରୀ ଯୋଜନା, କାର୍ଯ୍ୟକ୍ରମକୁ ସଫଳତାର ସହିତ ଜନହିତରେ ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଜନହିତରେ ଉଦ୍ଦେଶ୍ୟ ସରକାରୀ ଯୋଜନାରୁ କୌଣସି ଯୋଗ୍ୟବ୍ୟକ୍ତି ଯେପରି ବାଦ ନପଡନ୍ତି ସେଥି ପ୍ରତି ଅଧିକ ଧ୍ୟାନ ଦେବାପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ । ଗ୍ରୀଷ୍ମଋତୁରେ ଗ୍ରାମାଞ୍ଚଳରେ ପାନୀୟଜଳର ସଙ୍କଟ ଆଶଙ୍କା ଥିବାରୁ ବି.ଡି.ଓ. ମାନେ ଏହାକୁ ଗୁରୁତ୍ୱ ଦେଇ ଗ୍ରାମାଞ୍ଚଳରେ ଲୋକଙ୍କ ସୁବିଧା ପାଇଁ ପାନୀୟଜଳର ସୁବ୍ୟବସ୍ଥା କରିବା ପାଇଁ ମଧ୍ୟ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ କଳାହାଣ୍ଡି ମାଳବିକା ଦେବୀ, ବିଧାୟକ ଧର୍ମଗଡ ସୁଧୀର ରଞ୍ଜନ ପଟ୍ଟଯୋଷୀ, ଜିଲ୍ଲା ସଭାପତି ଭା.ଜ.ପା. ଯୁଗଳ କିଶୋର ପୋଢ, ଏସ୍.ପି. ନାଗରାଜ ଡି., ଅତିରିକ୍ତ ଜିଲ୍ଲାପାଳ (ସା.) ତନ୍ମୟ କୁମାର ଦରଓ୍ୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟୀ ପାଢୀ, ଡି.ଏଫ.ଓ. (ଉତ୍ତର) ଅନୁରାଗ ମିଶ୍ର, ଡି.ଏଫ.ଓ. (ଦକ୍ଷିଣ) କଳାଇ ଭାନାନ. ଆର., ଉପଜିଲାପାଳ ଧର୍ମଗଡ ଧୀମାନ ଚକମା, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା ଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟୀ ପାଢୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାରାଦୀପ ବନ୍ଦର ପକ୍ଷରୁ ୫୪ତମ ଜାତୀୟ ସୁରକ୍ଷା ଦିବସ ପାଳିତ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ୫୪ତମ ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଶାସନିକ ଭାନ ପରିସରରେ ସୁରକ୍ଷା ସପ୍ତାହ ପତାକା ଉତ୍ତୋଳନ କରିଥିଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ । ଏଥି ସହିତ ସୁରକ୍ଷା ଓ ସଚେତନତା ର୍ୟାଲିର ଶୁଭାରମ୍ଭ କରିଥିଲେ ଅଧ୍ୟକ୍ଷ ଶ୍ରୀ ହରନାଦ । ଏହି ର୍ୟାଲି ବନ୍ଦର ପ୍ରଶାସନିକ ଭବନରୁ ବାହାରି ୪ନମ୍ବର ଗେଟ୍ ପର୍ଯ୍ୟ' ଯାଇଥିଲା । ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା, ସିଏମଇ ସୁଶିଲ କୁମାର ନାହାକଙ୍କ ସମେତ ବନ୍ଦର ଅଧିକାରୀ, ଚେନ୍ନାଇ ରାଧା କମ୍ପାନୀର ନିର୍ଦ୍ଦେଶକ ଭି.ଆର. ରାମୁ , ଆଂଚଳିକ ପ୍ରବନ୍ଧକ ଏ.ରମେଶ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲୋ

## ଇଫକୋ ପରିସରରେ ୫୪ତମ ଜାତୀୟ ସୁରକ୍ଷା ଦିବସ ପାଳିତ

ପାରାଦୀପ(ପି.ଏନ): ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ୍ୟ ପାରାଦୀପସ୍ଥିତ ଇଫକୋ ସାର କାରଖାନା ପରିସରରେ ୫୪ତମ ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏଫଆଣ୍ଡବିର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ବେହେରା ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଇଫକୋର ୟୁନିଟ୍ ହେଡ୍ ପି.କେ.ମହାପାତ୍ର, ଇଫକୋର ଏଫଆଣ୍ଡଏସ ଯୁଗ୍ମ ପ୍ରବନ୍ଧକ ଆର.କେ.ସ୍ୱାଇଁ ଯୋଗ ଦେଇଥିଲେ । କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା ଅବଲମ୍ବନ କରିବା ପାଇଁ କର୍ମଚାରୀ, ଠିକାଦାର ଓ ଶ୍ରମିକମାନଙ୍କୁ ଅତିଥିମାନେ ସଚେତନ କରାଇଥିଲେ । କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଅତିଥିମାନେ ବିଭିନ୍ନ ବ୍ୟକ୍ତି



ବିଶେଷଙ୍କୁ ସମ୍ମାନୀତ କରିଥିଲେ । ଅଗ୍ନି ଓ ସୁରକ୍ଷା ବିଭାଗ ପକ୍ଷରୁ ଏକ ଡ୍ରିଲ୍ ପ୍ରଦର୍ଶିତ ହୋଇଥିବା ନେଇ ଇଫକୋର ଲୋକସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ସୂଚନା ଦେଇଛନ୍ତି ।

## ପଣ୍ୟ ପରିଚାଳନାରେ ଉତ୍କୃଷ୍ଟ ସାମଗ୍ରିକ ପ୍ରଦର୍ଶନ ପାଇଁ ପାରାଦୀପ ବନ୍ଦରକୁ ଦେଶର ୧ ନମ୍ବର ମାନ୍ୟତା 'ସାଗର ଆକଳନ' ସମ୍ମାନ

ପାରାଦୀପ,(ପି.ଏନ): କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲ ୨୦୨୪-୨୫ ଆର୍ଥିକ ବର୍ଷ ରେ ୫ ନିୟୁତ ବା ତଦୁର୍ଦ୍ଧ ପଣ୍ୟ ପରିଚାଳନାରେ ଉତ୍କୃଷ୍ଟ ସାମଗ୍ରିକ ପ୍ରଦର୍ଶନ ନିମନ୍ତେ ପାରାଦୀପ ବନ୍ଦର କୁ ଦେଶର ମର୍ଯ୍ୟାଦାଜନକ ୧ ନମ୍ବର 'ସାଗର ଆକଳନ' ସାର୍ଟିଫିକେଟ ପ୍ରଦାନ କରିଛନ୍ତି । ଭାରତର ନୌବାଣିଜ୍ୟ କ୍ଷେତ୍ରରେ ବଜେଟ ୨୦୨୫ ଦ୍ୱାରା ହୋଇଥିବା ବିଭିନ୍ନ ପରିବର୍ତ୍ତନକାରୀ ପ୍ରଭାବ ଉପରେ ସବିଶେଷ ଆଲୋଚନା ପରେ ଗତ ଫେବୃଆରୀ ୨୭ ତାରିଖରେ ମୁମ୍ବାଇ ଠାରେ ଅନୁଷ୍ଠିତ ବଜେଟ ପରବର୍ତ୍ତୀ ଶିଳ୍ପ ବୈଠକରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଏହି ପୁରସ୍କାର ଗ୍ରହଣ କରିଥିଲେ । ସାଗର ଆକଳନ ହେଉଛି ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ଉଦ୍ଦିଷ୍ଟ ଲଜିଷ୍ଟିକ ପୋର୍ଟ ପରଫରମାନ୍ସ, ଇଣ୍ଡେକ୍ସ, ଭାରତୀୟ ନୌବାଣିଜ୍ୟ କ୍ଷେତ୍ରରେ ଦକ୍ଷତା ଓ ବିଶ୍ୱସ୍ତରୀୟ ପ୍ରତିଯୋଗିତା ବୃଦ୍ଧି କରିବା ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ।






ଏହା ୨୦୪୭ ମସିହା ସୁଦ୍ଧା ଆତ୍ମନିର୍ଭର ଓ ବିକଶିତ ଭାରତବର୍ଷ ସ୍ୱପ୍ନର ଅଂଶବିଶେଷ କ୍ଷ ତେବେ ବନ୍ଦରର ଉଲ୍ଲେଖନୀୟ ସଫଳତା ପାଇଁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ କହିଛନ୍ତି ଯେ ଦେଶର ସାମଗ୍ରିକ ଅଭିବୃଦ୍ଧି ପାଇଁ ଅବଦାନ ନିମନ୍ତେ ବନ୍ଦର କର୍ମଚାରୀଙ୍କୁ ପ୍ରେରଣା ଯୋଗାଇବ । ଉଲ୍ଲେଖଥାଉକି ଚଳିତ ଆର୍ଥିକ ବର୍ଷ ଫେବୃଆରୀ ଶେଷ ସୁଦ୍ଧା ଲୁହାପଥର ଓ ତାପଜ କୋଇଲା ଚାହିଦା ହ୍ରାସ ସତ୍ତ୍ୱେ ପାରାଦୀପ ବନ୍ଦର ଦେଶର ବୃହତ ବନ୍ଦର ମଧ୍ୟରେ ଦ୍ରୁତତ୍ତମ ୧୩୬.୨୫ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର କରିପାରିଛି । ଚଳିତ ଆର୍ଥିକ ବର୍ଷରେ ମଧ୍ୟ ପଣ୍ୟ କାରବାର କ୍ଷେତ୍ରରେ ଏହା ନୂତନ ସର୍ବକାଳୀନ ରେକର୍ଡ ଦିଗରେ ଅଗ୍ରସର ହେଉଛି । ବନ୍ଦର ପରିଚାଳନାଗତ ବିବିଧ ବ୍ୟବସ୍ଥାରେ ଉନ୍ନତି ଅଣାଯିବା ଦ୍ୱାରା ଏହା ସମ୍ଭବ ହୋଇପାରିଛି । ବନ୍ଦର ସର୍ବମୋଟ ପଣ୍ୟ କାରବାରର ପ୍ରାୟ ୩୦ ପ୍ରତିଶତ ହେଉଛି ତାପଜ କୋଇଲା ଏବଂ ଚଳିତ ଆର୍ଥିକ ବର୍ଷରେ ପୂର୍ବ ବର୍ଷର ସମୟ ଅବଧି ଅପେକ୍ଷା ୪.୬୫ ପ୍ରତିଶତ ଅଧିକ । ସେହିପରି କଣ୍ଟେନର ପଣ୍ୟ ପରିଚାଳନାରେ ମଧ୍ୟ ପୂର୍ବ ବର୍ଷ ଅପେକ୍ଷା ୧୭୫.୫୮ ପ୍ରତିଶତ ଏବଂ ଜିପସମ ଓ ଫ୍ଲକ୍ସ ପଣ୍ୟ କାରବାର ପୂର୍ବ ବର୍ଷ ଅପେକ୍ଷା ୨.୮୬ ପ୍ରତିଶତ ଅଭିବୃଦ୍ଧି ହୋଇଛି । ସମ୍ପ୍ରତି ପାରାଦୀପ ବନ୍ଦର ଉପକୂଳ ଜାହାଜ ଚଳାଚଳ କ୍ଷେତ୍ରରେ ଏକ ପ୍ରମୁଖ ବନ୍ଦର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ।

## ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଙ୍ଘର ଆନ୍ଦୋଳନ ଡାକରା

ଭୁବନେଶ୍ୱର,(ପି.ଏନ): ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ଜନସ୍ୱାସ୍ଥ୍ୟ ପରିଚାଳନା ପଦବୀ ସୃଷ୍ଟି କରିବା ଓ ସମସ୍ତ ଏନ ଏଚ୍ ଏମ କର୍ମଚାରୀଙ୍କୁ ସ୍ଥାୟୀ କରିବା ଦାବୀରେ ଆସନ୍ତା ମାର୍ଚ୍ଚ ୧୦ ତାରିଖରୁ ଅନିର୍ଦ୍ଦିଷ୍ଟ କାଳପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି । ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କୁ ଚାକିରୀ ସ୍ଥାୟୀ କରିବା, ଦରମା ବୃଦ୍ଧି, ସ୍ୱାସ୍ଥ୍ୟ ବୀମା, ଘର ଭଡ଼ା, ମହଙ୍ଗା ଭତ୍ତା, ରାଜ୍ୟ ପ୍ରୋତ୍ସାହନ ରାଶିକୁ ବୃଦ୍ଧି କରିବା ଆଦି ଦାବି ସମ୍ବଳିତ ପତ୍ର ବାରମ୍ବାର ପ୍ରଦାନ କରାଯାଇଥିଲେ ମଧ୍ୟ ପୂରଣ କରିବା ଦୂରର କଥା ଆଜି ପର୍ଯ୍ୟନ୍ତ ଆଲୋଚନା ମଧ୍ୟ କଲେନାହିଁ । ସଂଘର ଝରାଜ୍ୟ ସଭାପତି ଅନିରୁଦ୍ଧ ପଣ୍ଡାଞ୍ଚ ପ୍ରକାଶ କରିଥିଲେ କି ଦୀର୍ଘ ୨୦ ବର୍ଷ ହେବ ସ୍ୱାସ୍ଥ୍ୟ ମିଶନ ଅଧିନ ରେ ବ୍ଲକ, ଜିଲ୍ଲା ଠାରୁ ରାଜ୍ୟ ପର୍ଯ୍ୟନ୍ତ ସମସ୍ତ ଡାକ୍ତର ଖାନରେ ଏନ ଏଚ୍ ଏମ ମ୍ୟାନେଜମେଣ୍ଟ କର୍ମଚାରୀ ମାନେ କାର୍ଯ୍ୟରତ । ଉଚ୍ଚ ଶିକ୍ଷିତ, ଦକ୍ଷ, କୁଶଳୀ ଓ ପରିଶ୍ରମୀ କର୍ମଚାରୀ ଯେଉଁ ମାନେ ଯୁବ ଅବସ୍ଥାରେ ଚାକିରି ଆରମ୍ଭ କରିଥିଲେ ଆଜି ସେମାନଙ୍କର ହାରାହାରୀ ବୟଷ ୪୫ ବର୍ଷ ହେଲାଣି । ଯେଉଁ ମାନଙ୍କରେ ଅଗମ୍ୟ ଉଦ୍ୟମ



କାରଣ ରୁ ସ୍ୱାସ୍ଥ୍ୟ ବିଭାଗ ଅନେକ ସଫଳତା ହାସଲ କରି ଅନେକ ବାର ଜାତୀୟସ୍ତରରେ ପୁରସ୍କୃତ ହୋଇଛି । - ମାତୃ ଓ ଶିଶୁ ମତ୍ୟୁହାରକୁ ଆଖିଦୃଶିଆ ଭାବେ ହ୍ରାସ କରିବା, ଯକ୍ଷ୍ମା ନିରାକରଣ, କୁଷ୍ଠ ନିରାକରଣ, ମାନସିକ ରୋଗ କାର୍ଯ୍ୟକ୍ରମ, ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ , ଅଣ ସଂକ୍ରାମକ ରୋଗ ନିୟନ୍ତ୍ରଣ, ରକ୍ତହୀନତା ଶିଶୁ ଚିହ୍ନଟକରଣ, ଥାଲାସେମିଆ ରୋଗୀ ନିରୂପଣ ଆଦି ଅନେକ କାର୍ଯ୍ୟକ୍ରମ କୁ ସୁଚାରୁ ରୁପେ ପରିଚାଳନା କରୁଛନ୍ତି । ଓଡିଶାର ଅନେକ ଡାକ୍ତରଖାନା ସ୍ୱଚ୍ଛତା ଓ କାୟାକଳ୍ପ ପୁରସ୍କାର ପାଇବା ଓ ଏନ କ୍ୟୁ ଏ ଏସ ରେ ମନ୍ଦ ସଫଳତାର ସହିତ କାର୍ଯ୍ୟ କରୁଛନ୍ତି । ବାତ୍ୟା ଓ ବନ୍ୟା ସହିତ ସମସ୍ତ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ୨୦୦୫ ରୁ କରିଆସୁଛନ୍ତି । କରୋନା ମାହାମାରୀ ମୁକାବିଲାରେ ସାରା ଦେଶରେ ଉଦାହାରାଣ ସୃଷ୍ଟି କରିଥିଲେ ଯାହା କେବଳ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ପରିଚାଳନା କର୍ମଚାରୀ ମାନଙ୍କ ପାଇଁ ସମ୍ଭବ ହୋଇଥିଲା । ଗତ ଅଗଷ୍ଟ ମାସ ୨୦୨୨ ରେ ଓଡିଆ ସରକାର ଠିକା ପ୍ରଥା ଉଠାଇଦେବାର ନାରା ଦେଇ ପ୍ରାୟ ସମସ୍ତ ବିଭାଗରୁ ୫୮୦୦୦ କର୍ମଚାରୀଙ୍କୁ ସ୍ଥାୟୀ କରିଥିଲେ କିନ୍ତୁ କେବେଳ ସ୍ୱାସ୍ଥ୍ୟ ମିଶନ ଅଧିନରେ କାର୍ଯ୍ୟରତ ପ୍ରାୟ ୮୮୮୭ କର୍ମଚାରିଙ୍କୁ ବାଦ ଦେଇଥିଲେ ସେଥିମଧ୍ୟରୁ ୪୨୦୦ ପରିଚାଳନା କର୍ମଚାରୀ ଅନ୍ତର୍ଭୁକ୍ତ । ସତରେ କଣ ଆମେ ସରକାରଙ୍କ ପାଇଁ କାର୍ଯ୍ୟ କରୁନାହୁଁ । ସ୍ୱାସ୍ଥ୍ୟ ବିଭାଗ ଗୋଟେ ଅତ୍ୟନ୍ତ ଜରୁରି କାଳୀନ ବିଭାଗ ଅଟେ ଆଉ ଲୋକଙ୍କ ସେବାରେ ସବୁବେଳେ ଉତ୍ସର୍ଗୀକୃତ । ଆମର ସରକାରଙ୍କ ପାଖରେ ଏତିକି ନିବେଦନ ରହିବ ତୁରନ୍ତ ସରକାର ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ୪୨୦୦ ପରିଚାଳନା କର୍ମଚାରୀ ଙ୍କୁ ସ୍ଥାୟୀ କରନ୍ତୁ ଆଉ ତାଙ୍କ ଉପରେ ନିର୍ଭରଶୀଳ ଲୋକଙ୍କ ମୁହଁରେ ହସ ଫୁଟାନ୍ତୁ । ପୁନଶ୍ଚ ଜନେଇଦେବାକୁ ଚାହୁଁଛୁ ଆସନ୍ତା ୦୯ ତାରିଖ ପର୍ଯ୍ୟନ୍ତ ନିଜ କର୍ମସ୍ଥଳିରେ କଳାବ୍ୟାଚ୍ ପିନ୍ଧି ପ୍ରତୀକ ପ୍ରତିବାଦ କରିବା ସହିତ ୧୦ ତାରିଖ ଠାରୁ ଭୁବନେଶ୍ୱର ଲୋୟର ପି ଏମ ଜି ରେ ଅନିର୍ଦ୍ଦିଷ୍ଟ କାଳପାଇଁ ଧାରଣା ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ରାଜ୍ୟ ସଭାପତି ଅନିରୁଦ୍ଧ ପଣ୍ଡାଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ ଗୋପବନ୍ଧୁ କର, ରାଜ୍ୟ କୋଷାଧ୍ୟକ୍ଷ ଆଶୁତୋଷ ମିଶ୍ର, ଉପ ସଭାପତି ନବୀନ ବେହେରା, ସହ ସମ୍ପାଦକ ପ୍ରଦୀପ୍ତ ମଲ୍ଲ ଓ ରାଜ୍ୟ ସଂଯୋଜକ ସଞ୍ଜୟ ପରିଡା ପ୍ରମୁଖ ଉପସ୍ଥିତ ରହି ନିଜର ଆଭିମୂଖ୍ୟକୁ ସ୍ପଷ୍ଟ କରିଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray